KOSHALA PRABAHA

କୋଶଳ ପ୍ରବାହ

www.koshalaprabaha.com

Postal Regd.No. BGR-02/2018-20

ବର୍ଷ - ୨୦ ■ ସଂଖ୍ୟା - ୩୯

Volum.-20 ■ Issue No.- 39

Sunday ■ Balangir

ରବିବାର ■ ବଲାଙ୍ଗିର

R.N.I.No.: ODIODI/2000/03637 ● ୧୬ ଅଗଷ୍ଟ - ୨୨ ଅଗଷ୍ଟ ୨୦୨୦ ● 16 Aug. - 22 Aug. 2020 ● Odia Weekly ● 8 Pages, Rs.2/- only

# ମାସେ ଭିତରେ ଆରମ୍ଭ କର ଲୋୟର ସୁକତେଲ ପ୍ରକଳ୍ପ : ନରସିଂହ

## ସମ୍ମିଳିତ ଭାବେ ଦାବୀ ଜଣାଇଲା ୭ଜଣିଆ କମିଟି



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ବିଧାୟକ ନରସିଂହ ମିଶ୍ରଙ୍କ ନେତୃତ୍ୱରେ ଏକ ସାତ ଜଣିଆ ପ୍ରତିନିଧି ମଣ୍ଡଳି ଲୋୟର ସୁକତେଲ କାମକୁ ତୁରନ୍ତ ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବୀପତ୍ର ଦେଇଛନ୍ତି । ଏହି ପ୍ରତିନିଧି ମଣ୍ଡଳିରେ ବହୁ ଦିନରୁ ଲୋୟର ସୁକତେଲ ପ୍ରକଳ୍ପ ପାଇଁ ଆନ୍ଦୋଳନ କରୁଥିବା ସାମାଜିକ ସଂଗଠନ ବଲାଙ୍ଗିର ଏକ୍ସନ କମିଟିର ଆବାହକ ତଥା ଭାରତୀୟ ଜନତା ପାର୍ଟିର ବରିଷ୍ଠ ସଭ୍ୟ ଗୋପାଳଜୀ ପାଣିଗ୍ରାହୀ, ଓକିଲ ସଂଘ ସଭାପତି ପ୍ରମୋଦ ତ୍ରିପାଠୀ, ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର, ଭବାନି ଶତପଥି, ରତନ କୁମାର ମହାରଣା ପ୍ରମୁଖ ସାମିଲ ରହି ଜିଲ୍ଲାପାଳ ଅରିନ୍ଦମ ଡାକୁଆଙ୍କୁ ହସ୍ତାନ୍ତର କରିଥିଲେ ।

ସୁଚନା ଯୋଗ୍ୟ ଯେ, ବଲାଙ୍ଗିରର ଜୀବନରେଖା କୁହାଯାଉଥିବା ଲୋୟର ସୁକତେଲ କାମ ଦୀର୍ଘ ଆନ୍ଦୋଳନ ପରେ ୨୦୧୩ରେ ଆରମ୍ଭ ହୋଇଥିଲା । କିନ୍ତୁ ହଠାତ ୨୦୧୮ରେ ପ୍ରକଳ୍ପ କାମକୁ ସରକାର ବନ୍ଦ କରି ଦେଇଥିଲେ । କାମକୁ ପୁନଃ ଆରମ୍ଭ କରାଯିବା ନେଇ ପୁଣି ବିଭିନ୍ନ ସଂଗଠନ ଆନ୍ଦୋଳନ କରିଥିଲେ । ଏଥିରେ କୌଣସି ସୁଫଳ ନ ମିଳିଥିବା ବେଳେ ମାଟି ପାଇଁ ଏଇ ଲଢେଇକୁ ଏକ ନୂଆ ରୂପ ଦେବାକୁ ଯାଇ ଏକ୍ସନ କମିଟିର ନେତୃତ୍ୱରେ ସାତ ଦିନ ପୁର୍ବରୁ ଏକ ପ୍ରତିନିଧି ମଣ୍ଡଳି ସ୍ଥାନୀୟ ବିଧାୟକ ନରାସିଂହ ମିଶ୍ରଙ୍କୁ ଦେଖା କରିଥିଲେ । ସେହି କ୍ରମରେ ଆଜି ଏହି ପ୍ରତିନିଧି ମଣ୍ଡଳି ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଦାବୀପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ (ସପ୍ତମ ପୃଷ୍ଠା ଦେଖନ୍ତୁ)

# ଗିରଫ ହେଲେ ୩ ହତ୍ୟାକାରୀ

## ହତ୍ୟାକାଣ୍ଡରେ ବ୍ୟବହୃତ ସାମଗ୍ରୀ ଜବତ




ପାଟଣାଗଡ୍, (ନିପ୍ର) : ବେଲପଡା ଥାନା ଅନ୍ତର୍ଗତ ପଲସାପଡା, ଭରୁଆପାଲି ଗ୍ରାମର ସୁରେନ୍ଦ୍ର ବନଛୋରଙ୍କ ହତ୍ୟା ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ରାଜକୁମାର ବନଛୋର, ଉଦ୍ଧବ ଛତ୍ରିଆ ଏବଂ ନରସିଂହ ଛତ୍ରିଆ । ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଥିବା ଗୋଟେ ପଲିଥିନ ବ୍ୟାଗ, ଗୋଟେ ଟି' ସାର୍ଟ, ହିରୋହଣ୍ଡା ସିଡି ଡିଲକ୍ସ (ଓଡି.୨୬.ଡି.୨୩୧୧), ଏକ ହିରୋ ପ୍ଲେଜର (ସିଜି.୦୬.ପି.୮୦୨୧) ଜବତ୍ କରିଛି । ଅଭିଯୁକ୍ତ ମାନଙ୍କୁ ଆଜି ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି । ଏନେଇ ପାଟଣାଗଡ ଏସ.ଡି.ପି.ଓ. ଙ୍କ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ.ଡି.ପି.ଓ. ସୁରେଶ ନାଏକ । ପଲସାପଡା ଗ୍ରାମର ସୁରେନ୍ଦ୍ର ବନଛୋର ତାଙ୍କ ବାପା ଏବଂ ଭାଇଙ୍କ ମୃତ୍ୟୁ ପରେ ତାଙ୍କ ଭାଉଜଙ୍କ ସହିତ ରହୁଥିଲେ । ଅଭିଯୁକ୍ତ ରାଜକୁମାର ବନଛୋର ତାଙ୍କ ସମ୍ପର୍କୀୟ ଭାଇ ଏବଂ ତାଙ୍କ ପଡୋଶୀ ମଧ୍ୟ ଥିଲେ । ସୁରେନ୍ଦ୍ର ବନଛୋରଙ୍କ ସମ୍ପତ୍ତି ଉପରେ ରାଜକୁମାରଙ୍କ ଲୋଲୁପ ଦୃଷ୍ଟି ଥିଲା ଏବଂ ସୁରେନ୍ଦ୍ରଙ୍କୁ ହତ୍ୟା କଲାପରେ ସେ ଏକା ସବୁ ସମ୍ପତିର ମାଲିକ ହେବେ ବୋଲି ଏକ ଷଡଯନ୍ତ୍ର କରିଥିଲେ । ଘଟଣା ଦିନ ରାତି ରାଜକୁମାର ତାଙ୍କ ସାଙ୍ଗ ଉଦ୍ଧବ ଛତ୍ରିଆ ଏବଂ ନରସିଂହ ଛତ୍ରିଆଙ୍କୁ ଡାକି ଏକ ଭୋଜିର ଆୟୋଜନ କରିଥିଲେ । ସେଥିରେ ମୃତ ସୁରେନ୍ଦ୍ରଙ୍କୁ ମଧ୍ୟ ସେମାନେ ସାମିଲ କରିଥିଲେ । ସେମାନେ ଭରୁଆପାଲିର ଏକ ପଡିଆରେ ମାଂସ ଏବଂ ମଦ ନେଇ ଏକ ମୋଟର ସାଇକେଲ ଏବଂ ସ୍କୁଟିରେ ପହଂଚିଥିଲେ । ପରେ ମୃତ ସୁରେନ୍ଦ୍ର ମଧ୍ୟ ଏକ ସାଇକେଲ ଯୋଗେ ଭୋଜି ଖାଇବାକୁ ପହଂଚିଥିଲେ । ସେଠାରେ ସେମାନେ ଭୋଜି ଭାତ ଖାଇବା ପରେ ପୂର୍ବ ଯୋଜନା ମୁତାବକ ଉଦ୍ଧବ ଏବଂ ନରିସଂହ ସୁରେନ୍ଦ୍ରଙ୍କ ସହ ପାଟି ତୁଣ୍ଡ ହୋଇଥିଲେ । ରାଜକୁମାର ଏବଂ ନରିସଂହ ସୁରେନ୍ଦ୍ରଙ୍କୁ ଜାବୁଡି ଧରିବା ବେଳେ ଉଦ୍ଧବ ଏକ ପଲିଥିନ ନେଇ ସୁରେନ୍ଦରଙ୍କୁ ମୁଣ୍ଡରେ ବାନ୍ଧି ରଖିଥିଲା । ଫଳରେ କିଛି ସମୟ ପରେ ସୁରେନ୍ଦ୍ରଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା । ସୁରେନ୍ଦ୍ରଙ୍କ ମୃତ ଦେହକୁ ନେଇ ରାସ୍ତାକଡରେ ଫିଙ୍ଗି ଦେଇଥିଲେ ଏବଂ ପାଖରେ ସାଇକେଲକୁ ମଧ୍ୟ ଫୋପାଡି ଦେଇ ଏକ ଦୁର୍ଘଟଣାର ରୂପ ଦେବାକୁ ଚେଷ୍ଟା କରିଥିଲେ ବୋଲି ପୋଲିସ ଆଗରେ ସ୍ୱୀକାର କରିଥିଲେ । ବେଲପଡା ଥାନାଧିକାରୀ ସଚିଦାନନ୍ଦ ବରିହା ସମଗ୍ର ଘଟଣାର ତଦନ୍ତ କରି ସମସ୍ତ ଦୋଷୀମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ ।

## ଚଟ୍‌ପଟ୍

ଆନଂଦ



ନୂଆଁଖାଇ ଭଳି
ପରବ ବି ଏବେ
କରୋନା ମାଡ଼ରେ ଫିକା
ସୋସିଆଲ୍ ଡିସ୍‌ଟାନ୍ସ
ସହ ମାସ୍କ ପିନ୍ଧା
ଏମନ୍ତ ବେଳାରେ ସଖା ।।

ପବିତ୍ର ସ୍ୱାଧୀନତା ଦିବସ – ୨୦୨୦ ଉପଲକ୍ଷେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇ-ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

ବୈଶ୍ୱିକ ମହାମାରୀ କରୋନା ବିରୋଧରେ ସମଗ୍ର ମାନବଜାତିର ଲଢ଼େଇରେ ଓଡ଼ିଶାର ପ୍ରଦର୍ଶନ ବେଶ ଉତ୍ସାହଜନକ ଓ ପ୍ରେରଣାଦାୟୀ । ଏହି ଲଢ଼େଇରେ ସାମିଲ ହୋଇ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରୁଛି ।

ଗଣେଶୀ ଲାଲ
(ଗଣେଶୀ ଲାଲ)

ପବିତ୍ର ସ୍ୱାଧୀନତା ଦିବସ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ
ଶୁଭେଚ୍ଛା



ପବିତ୍ର ସ୍ୱାଧୀନତା ଦିବସ ୨୦୨୦ ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏକ ବିକଶିତ ଓଡ଼ିଶା ଓ ଅଗ୍ରଣୀ ଭାରତ ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ଆସନ୍ତୁ, ଆମେ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହୋଇ କାମ କରିଚାଲିବା ।

କୋଭିଡ୍-୧୯ ନିୟନ୍ତ୍ରଣ ପାଇଁ ଆପଣମାନେ ସରକାରଙ୍କ କୋଭିଡ୍ ନିୟମାବଳୀ ପାଳନ କରନ୍ତୁ । ନିଜେ ସୁରକ୍ଷିତ ରୁହନ୍ତୁ ଏବଂ ସମସ୍ତଙ୍କୁ ସୁରକ୍ଷିତ ରଖିବା ପାଇଁ ସହଯୋଗ କରନ୍ତୁ ।

(ନବୀନ ପଟ୍ଟନାୟକ)



ପବିତ୍ର ସ୍ୱାଧୀନତା ଦିବସ ଅବସରରେ
ବାର୍ତ୍ତା

ପବିତ୍ର ୭୪ତମ ସ୍ୱାଧୀନତା ଦିବସ ଅବସରରେ ମୁଁ ଓଡ଼ିଶାବାସୀ ସମସ୍ତ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଭାରତର ସ୍ୱାଧୀନତା, ଲକ୍ଷ ଲକ୍ଷ ସଂଗ୍ରାମୀମାନଙ୍କ ଆତ୍ମୋତ୍ସର୍ଗ, ଦେଶପ୍ରେମ ଓ ଅହିଂସା ଅସ୍ତ୍ରରେ ସମାହିତ ଚିରସ୍ମରଣୀୟ ଉପଲବ୍ଧି । ଆସନ୍ତୁ, ସ୍ୱାଧୀନତାର ମୂଲ୍ୟବୋଧକୁ ସ୍ମରଣ କରି ସେହି ସଂଗ୍ରାମୀମାନଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ କାର୍ଯ୍ୟ କରିବା । କରୋନାକୁ ହରାଇ ଏକ ସମୃଦ୍ଧ ଓ ସଶକ୍ତ ଓଡ଼ିଶା ନିର୍ମାଣ କରିବାକୁ ସଂକଳ୍ପବଦ୍ଧ ହେବା ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-51 OIPR-15001/13/00772021

## ସଂପାଦକୀୟ

# ସାଧାରଣ ଜୀବନରେ ମଦ

ମଦଭାଟି ସହ ବିଶୃଙ୍ଖଳା ବୋଧହୁଏ ସବୁବେଳେ ଘନିଷ୍ଠ । ମଦଭାଟି ଆଖପାଖରେ ବିଶୃଙ୍ଖଳା ନିହାତି ଥାଏ, ଏହାକୁ କେହି ବି ଅର୍ଥାତ୍ ମଦୁଆ ବି ଅସ୍ୱୀକାର କରି ନପାରେ ବୋଧହୁଏ । କିନ୍ତୁ ତଥାପି ମଦଭାଟି ରୁହେ ଏବଂ ବିଶୃଙ୍ଖଳା ହୁଏ ତଥା ସେହି ବିଶୃଙ୍ଖଳାକୁ ଦମନ କରିବା ପାଇଁ ପ୍ରଶାସନ ପକ୍ଷରୁ ତନାଘନା ହେବାକୁ ବି ପଡ଼େ । ଅବଶ୍ୟ ସରକାର ଯେତେବେଳେ ଭାଟି ଖୋଲିବାକୁ ଲାଇସେନ୍ସ ପ୍ରଦାନ କରୁଛନ୍ତି, ଆମେ ବା କହିବାକୁ କିଏ ? ଯେହେତୁ ସରକାରଙ୍କ ଆଜ୍ଞାରେ ଆମେ ଆମର ଅମୂଲ୍ୟ ଜୀବନ ବିତେଇବାରେ ଲାଗିଛୁ ସୁନାପୁଅ ଭଳି ସାମାଜିକ ମଣିଷମାନେ । ଅବଶ୍ୟ ଏଠାରେ ପ୍ରଶ୍ନ ଉଠିପାରେ, ସେଇ ସରକାର କିଏ ? କାହିଁକି ଏବଂ କେଉଁ ବାଟରେ ? ଏ ସବୁ ପ୍ରଶ୍ନର ଉତ୍ତର ଖୋଜିଲା ବେଳେ ସାମାଜିକ ମଣିଷ ଚେଇଁ ଉଠିବାକୁ ଇଚ୍ଛା କରେ ଏବଂ କଉଁଠି କେମିତି ନିଜ ରସନାକୁ ଆକଟ କରି ନପାରି କେଇ ପଦ ସତ କଥା କହି ପକାଏ ଓ ପରେ ପରେ କାଁ ଭାଁ ହଇହାଣ ହରକତ୍ ବି ହୋଇଥାଏ ।

ବିହାର ଭଳି ରାଜ୍ୟରେ ମଦ ବିରୋଧୀ ଅଭିଯାନ ସଫଳ ହୋଇପାରିଛି । ରାଜ୍ୟରେ ସଂପୂର୍ଣ୍ଣ ମଦ ନିଷେଧ ଘୋଷଣା କରିଛନ୍ତି ରାଜ୍ୟ ସରକାର । କିନ୍ତୁ ଓଡ଼ିଶାରେ ଏହା କାହିଁକି ସମ୍ଭବ ହୋଇ ପାରିବ ନାହିଁ, ତାହା ବିଶେଷ ଆଲୋଚନାର ବିଷୟ ।

ସେ ଯାହା ବି ହେଉ, ଆମକୁ ମଦଭାଟି ଓ ବିଶୃଙ୍ଖଳା ପଛରେ ଟିକେ ଗୋଡ଼େଇବାକୁ ହେବ । ଏ ବାବଦରେ କିଛି ନ କହିଲେ ଆମ ଛାତି ଭିତରେ ହୁଏତ ଆଗାମୀ ସମୟରେ ଗୋଟେ ବିରାଟ 'ଆବୁ' ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ । ଏଠାରେ ଗୋଟେ ବିରାଟ ପ୍ରଶ୍ନ ଫୋପାଡ଼ି ଦିଆଯାଉ ରାସ୍ତା ମଝିକୁ । -ମଦଭାଟି ଚାଲିଲେ ଯଦି ସରକାରଙ୍କ ବିଶେଷ ଫାଇଦା ହେଉଛି, ତେବେ ସରକାର ମଣିଷ ମାଂସ ବିକ୍ରି ହେଲେ ବହୁତ ଫାଇଦା ପାଇବାର କୌଣସି ଠୋସ୍ ସୂଚନା ପାଇଲେ ଆମମାନଙ୍କୁ କଂସେଇଖାନାରେ ଫଡ଼ା ଫଡ଼ା କରି ଝୁଲେଇବାକୁ ଆଗେଇ ଆସିବେ ନାହିଁ ତ ?' ଏହାର ଜବାବ୍ କ'ଣ ହୋଇପାରେ ଆମେ ନିଜେ ନିଜେ ଅଙ୍କ କଷିବା ଭଳି ଘଣ୍ଟାଚକଟା କଲେ ପାଇଯାଇ ପାରିବା ବୋଧହୁଏ । ଉପର ପ୍ରଶ୍ନଟି ନିଶ୍ଚୟ ଟିକେ ଟାଣୁଆ ଓ ଅସହ୍ୟ ବି ନିଶ୍ଚୟ । କିନ୍ତୁ ଗାଁକୁ ଗାଁ ମଦଭାଟି ଖୋଲିବା ପାଇଁ ଲାଇସନ୍ସ ବଣ୍ଟା ଯାଇଥିବା ଦିଗଟି ବି ଖୁବ୍ ଅସହ୍ୟ ଯେ... । ଆମେ କେବଳ ଅନୁଭବ କରି ପାରୁନାହୁଁ ସିନା । ଯେଉଁ ଜିଲ୍ଲାର ଲୋକେ ଭାତ ମୁଠାଏ ପାଇଁ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଆନ୍ତି, ସେହି ଜିଲ୍ଲାର ଗାଁକୁ ଗାଁ ମଦଭାଟି ଖୋଲାଯାଇ ଲୋକଙ୍କୁ ମଦଖୋର୍ କରିବା ସଂଗେ ସଂଗେ ସେମାନଙ୍କ ସାମାଜିକ, ଆର୍ଥିକ ତଥା ସ୍ୱାସ୍ଥ୍ୟଗତ ସ୍ଥିତିକୁ ତଳିତଳାନ୍ତ କରାଯିବା କେତେ ମାତ୍ରାରେ ଠିକ୍, ତାହା ସରକାର ଚିନ୍ତା କରିବା ଉଚିତ୍ । ନଚେତ୍ ଯେତେ ସରକାରୀ ଯୋଜନା ପ୍ରଣୟନ କଲେ ସୁଦ୍ଧା ଲାଭ କ'ଣ ? ଅନେକ କ୍ଷେତ୍ରରେ ବହୁକଷ୍ଟରେ ମୁଣ୍ଡର ଝାଳ ତୁଣ୍ଡରେ ମାରି ଯେଉଁ ଶ୍ରମିକ ଜଣକ ଦିନକର ମଜୁରୀ ପାଉଛି, ସେଥିରୁ ଅଧାରୁ ଅଧିକ ଗାଁ ମୁଣ୍ଡର ମଦଭାଟିରେ ଦେଇଆସୁଛି । ତା' ପରିବାରର ଆର୍ଥିକ ଦିଗ ସୁଧୁରିବ କେମିତି ?

## ତୁଳସୀ ଜୈନଙ୍କ ଅନନ୍ୟ ପ୍ରୟୋଗ

ମୋବାଇଲ୍ ନଂ. ୯୪୩୭୦୩୯୦୯୬



# ଆମ ସଂସ୍କୃତି

ରୋମାନ, ଗ୍ରୀକ୍, ମିଶର ଆଦି ସଭ୍ୟତା କାଳର କରାଳ ପ୍ରବାହରେ ନିଶ୍ଚିହ୍ନ ହୋଇ ଯାଇଛନ୍ତି, ଅଥଚ ଭାରତୀୟ ସଭ୍ୟତା ଓ ସଂସ୍କୃତି ସମସ୍ତ ଅବରୋଧକୁ ଅତିକ୍ରମ କରି ଆଗେଇ ଚାଲିଛି । ପ୍ରସିଦ୍ଧ ଉର୍ଦ୍ଦୁ କବି ଇକ୍‌ବାଲ କହିଛନ୍ତି ଯେ, ଆମ ମାଟି ପବନରେ କିଛି ତ ଅଛି କିମ୍ବା ଏପରି ଏକ ସଂଜୀବନୀ ରହିଛି ଯାହା ଆମ ଅସ୍ତିତ୍ୱକୁ ସୁରକ୍ଷିତ ରଖିପାରିଛି । ପାଶ୍ଚାତ୍ୟସୁନାମୀର ପ୍ରବାହରେ ଆମ ସଭ୍ୟତାକୁ ଟଳମଳ ହେବାର ଦୃଶ୍ୟ ଥରେ ଥରେ ମନରେ କ୍ଷୋଭ ଜାତ କରେ । ଚାରି ପାଂଚ ଶହ ବର୍ଷର ଏକ ତଥାକଥିତ ଉତ୍ତର ଆଧୁନିକ ସଂସ୍କୃତି, ପାଂଚ ହଜାର ବର୍ଷରୁ ଅଧିକ ଏକ ପରିପକ୍ୱ ସଂସ୍କୃତିକୁ ପ୍ରଭାବିତ କରିବାର ଦେଖିବଲେ, ଅସହାୟବୋଧରେ ମନ ଜର୍ଜରିତ ହେବା ସ୍ୱାଭାବିକ ।

ବିଂଶ ଶତାବ୍ଦୀରେ ରୁଷର ସ୍ଥିତି ଦେଖାଯାଉ । ପ୍ରଥମେ ଷ୍ଟାଲିନ ଆଦର୍ଶ ହେଲେ । ତାଙ୍କ ପ୍ରତିମୂର୍ତ୍ତି ଭଂଗାହେଲା । ଆଦର୍ଶ ଧୂଳିସାତ୍ ହେଲା । ଲେନିନ ପ୍ରତିଷ୍ଠିତ ହେଲେ । କେତେ ଦଶକ ପରେ ତାଙ୍କୁ ପଦଦଳିତ କରାହେଲା । କୌଣସି ଗୋର୍ବାଚ୍ୟୋଭ ମଧ୍ୟରେ ଲେନିନଙ୍କୁ ଏବଂ ୟେଲତସିନ ଠାରେ ଷ୍ଟାଲିନଙ୍କୁ ଖୋଜା ହେଲା । ମାତ୍ର ତିରିଶ ବର୍ଷର ବ୍ୟବଧାନରେ ଏକ ବିଶ୍ୱ ଶକ୍ତିର ନାଗରିକମାନେ ରୁଟି ପାଇଁ ହାହାକାର କରି ଉଠିଲେ । ଫମ୍ପା ସମୃଦ୍ଧି ଏବଂ ସାମରିକ ସରଂଜାମର ନୃଶଂସ ସଂଗ୍ରହ ଭୟଙ୍କର ଆର୍ଥିକ ସଂକଟ ସୃଷ୍ଟି କଲା । ମାତ୍ର ଶହେ ବର୍ଷ ଭିତରେ ସଭ୍ୟତାର ଉଦୟ ହେଲା ଏବଂ ବିଲୀନ ମଧ୍ୟ ହେଲା । ଭ୍ଲାଡ଼ିମିର ପୁତିନ ଏବେ ଦେଶର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ପ୍ରୟାସରତ ।

ଅନେକ ଘାତ-ପ୍ରତିଘାତ ମଧ୍ୟରେ ଆମ ପ୍ରତ୍ୟୟ ଦୋହଲି ଯାଇଛି । ଗଭୀର ଆଶ୍ୱସ୍ତିବୋଧ ହୁଏ । ବାସ୍ତବିକ ଆମ ଅନ୍ତଃକରଣରେ ଏପରି କିଛି ତତ୍ତ୍ୱ ରହିଛି, ଯାହା ଆମକୁ ଅମରତ୍ୱ ପ୍ରଦାନ କରିପାରିଛି ।

# ୭୪ତମ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦଙ୍କ ବାର୍ତ୍ତାର ଓଡିଆ ଅନୁବାଦ

ପ୍ରିୟ ଦେଶବାସୀ,
ନମସ୍କାର !

୭୪ତମ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଦେଶ ଓ ବିଦେଶରେ ରହୁଥିବା ସବୁ ଭାରତୀୟଙ୍କୁ ମୁଁ ଅଭିନନ୍ଦନ ଜଣାଉଛି । ଅଗଷ୍ଟ ୧୫ ଆମକୁ ତ୍ରିରଙ୍ଗା ପତାକା ଉତ୍ତୋଳନ ସହିତ ଏହି ଉତ୍ସବରେ ଅଂଶଗ୍ରହଣ ଏବଂ ଦେଶାତ୍ମବୋଧକ ସଂଗୀତ ଶୁଣିବାର ଉତ୍ସାହ ଦିଏ । ଏହି ଦିବସରେ ଦେଶର ଯୁବ ସମାଜ ଏକ ସ୍ୱାଧୀନ ଭାରତର ନାଗରିକ ହେବାର ସ୍ୱତନ୍ତ୍ର ଗର୍ବ ଅନୁଭବ କରିବା ଉଚିତ । ଏକ ସ୍ୱାଧୀନ ରାଷ୍ଟ୍ରରେ ବଂ*ିବା ପାଇଁ ନିଜ ଜୀବନ ଉତ୍ସର୍ଗ କରି ଆମକୁ ସମର୍ଥ କରିଥିବା ଆମର ସ୍ୱାଧୀନତା ସଂଗ୍ରାମୀ ଓ ଶହୀଦମାନଙ୍କୁ ଆମେ ଏହି ଅବସରରେ କୃତଜ୍ଞତାର ସହ ସ୍ମରଣ କରୁଛୁ ।

ଆମ ସ୍ୱାଧୀନତା ସଂଗ୍ରାମର ସ୍ୱଭାବ ଓ ସଦାଚାର ଆଧୁନିକ ଭାରତର ମୂଳଦୁଆ ପ୍ରତିଷ୍ଠା କରିଛି । ଆମର ଦୂରଦୃଷ୍ଟି ସଂପନ୍ନ ନେତୃଗଣ ମିଳିତଭାବେ ଏକ ବିବିଧ ବିଶ୍ୱ ଦୃଷ୍ଟିକୋଣରେ ଗୋଟିଏ ସାଧାରଣ ଜାତୀୟ ଚେତନା ସୃଷ୍ଟି କରିଥିଲେ । ଅତ୍ୟାଚାରୀ ବିଦେଶୀ ଶାସନରୁ ଭାରତମାତାକୁ ମୁକ୍ତକରି ତାହାର ସନ୍ତାନମାନଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ସେମାନେ ଅଙ୍ଗୀକୃତ ଥିଲେ । ସେମାନଙ୍କ ବିଚାର ଓ କାର୍ଯ୍ୟ ଏକ ଆଧୁନିକ ରାଷ୍ଟ୍ରର ପରିଚୟକୁ ଆକାର ଦେଇଥିଲା ।

ଆମେ ଭାଗ୍ୟବାନ ଯେ ମହାତ୍ମା ଗାନ୍ଧୀ ଆମ ମୁକ୍ତି ଆନ୍ଦୋଳନର ଦିଗ୍ ?ଦ୍ରଷ୍ଟା ଓ ଆଲୋକବର୍ତ୍ତିକା ଥିଲେ । ସେ ଉଭୟ ସନ୍ଥ ଓ ରାଜନେତାଭାବେ ଏକ ସଂବୃତିରେ ପରିଣତ ହୋଇଥିଲେ, ଯାହା କେବଳ ଭାରତରେ ସମ୍ଭବ ହୋଇଥିଲା । ସାମାଜିକ ଅସ୍ଥିରତା, ଆର୍ଥିକ ସମସ୍ୟା, ଜଳବାୟୁ ପରିବର୍ତ୍ତନ ଆଦି ସମସ୍ୟା ଦ୍ୱାରା ଜର୍ଜରିତ ହୋଇପଡିଥିବା ସମଗ୍ର ବିଶ୍ୱ ଏଥିରୁ ପରିତ୍ରାଣ ପାଇବା ପାଇଁ ଗାନ୍ଧୀଜୀଙ୍କ ଦର୍ଶନ ଓ ଶିକ୍ଷାରୁ ବାଟ ଖୋଜୁଛି । ସମାନତା ଓ ନ୍ୟାୟ ପାଇଁ ତାଙ୍କ ଅନ୍ୱେଷଣ ଆମ ସାଧାରଣତନ୍ତ୍ରର ମନ୍ତ୍ର ପାଲଟିଛି । ଯୁବ ପିଢି ଗାନ୍ଧୀଜୀଙ୍କୁ ପୁନଃ ଆବିଷ୍କାର କରୁଥିବା ଦେଖି ମୁଁ ବିଶେଷ ଆନନ୍ଦିତ ।

ପ୍ରିୟ ଦେଶବାସୀ

ଚଳିତ ବର୍ଷର ସ୍ୱାଧୀନତା ଦିବସ ଉତ୍ସବ ପାଳନରେ କିଛିଟା ସଂଯମ ଓ ନିୟନ୍ତ୍ରଣ ରହିବ । ଏହାର କାରଣ ସମସ୍ତଙ୍କୁ ଜଣା । ଏକ ଭୟାନକ ଭୂତାଣୁ ସହ ସମଗ୍ର ବିଶ୍ୱ ଏବେ ଲଢ଼େଇ କରୁଛି । ଏହାର ସଂକ୍ରମଣ ଯୋଗୁଁ ସମସ୍ତ ପ୍ରକାର କାର୍ଯ୍ୟ ବ୍ୟାହତ ହୋଇଛି ଏବଂ ବହୁ ଲୋକ ପ୍ରାଣ ହରାଇଛନ୍ତି । ଆମେ ପୂର୍ବରୁ ଯେଉଁ ପୃଥିବୀରେ ବଂ*ିଥିଲୁ ତାହାକୁ ଏହି ମହାମାରୀ ବଦଳାଇ ଦେଇଛି ।

ଏହା ଆଶ୍ୱସ୍ତିର ବିଷୟ ଯେ କେନ୍ଦ୍ର ସରକାର ଏହି ମହାମାରୀର ବିରାଟ ଆହ୍ୱାନକୁ ଯଥେଷ୍ଟ ପୂର୍ବରୁ ଅନୁମାନ କରି ଉପଯୁକ୍ତ ସମୟରେ ଆବଶ୍ୟକ ପଦକ୍ଷେପମାନ ସଫଳତାର ସହ ଗ୍ରହଣ କରିଥିଲେ । ଭାରତ ଭଳି ଏକ ବିରାଟ ଓ ବିପୁଳ ଜନସଂଖ୍ୟା ବିଶିଷ୍ଟ ବିବିଧତାପୂର୍ଣ୍ଣ ଦେଶରେ ଏଭଳି ଆହ୍ୱାନର ମୁକାବିଲା କରିବା ପାଇଁ ଦୃଢ ମାନବୀୟ ଦକ୍ଷତା ଓ ଉଦ୍ୟମ ଦରକାର ପଡେ । ସ୍ଥାନୀୟ ସ୍ଥିତିକୁ ବିଚାରକୁ ନେଇ ସବୁ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପମାନ ଗ୍ରହଣ କରିଥିଲେ । ଜନସାଧାରଣ ମଧ୍ୟ ଏଥିରେ ପୂର୍ଣ୍ଣପ୍ରାଣରେ ସହାୟତା ଯୋଗାଇଥିଲେ । ଆମର ଅଙ୍ଗୀକୃତ ପ୍ରୟାସ ଦ୍ୱାରା ଆମେ ମହାମାରୀର ବ୍ୟାପକ ପ୍ରଭାବକୁ ନିୟନ୍ତ୍ରିତ ତଥା ସୀମିତ କରିବାରେ ସଫଳ ହୋଇଛୁ । ଏହାଦ୍ୱାରା ଅନେକ ଜୀବନ ରକ୍ଷା ପାଇଛି । ବୃହତ୍ତର ବିଶ୍ୱପାଇଁ ଏହା ଏକ ଉଦାହରଣ ।

ଚିକିତ୍ସକ, ନର୍ସ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ପାଖରେ ଦେଶ ଋଣୀ । ସେମାନେ ନିରନ୍ତର ଏହି ଭୂତାଣୁ ବିରୋଧୀ ଲଢ ?ଇର ସମ୍ମୁଖ ଭାଗରେ ରହିଛନ୍ତି । ଦୁର୍ଭାଗ୍ୟର ବିଷୟ ହେଲା ସେମାନଙ୍କ ମଧ୍ୟରୁ ଅନେକ ଏହି ମହାମାରୀ ଲଢିବାବେଳେ ନିଜର ଜୀବନ ହରାଇଛନ୍ତି । ସେମାନେ ଆମ ରାଷ୍ଟ୍ରର ନାୟକ । ସବୁ କରୋନା ଯୋଦ୍ଧା ଉଚ୍ଚପ୍ରଶଂସାର ପାତ୍ର । ସେମାନେ ନିଜ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟର ବହୁ ଊର୍ଦ୍ଧ୍ୱକୁ ଯାଇ ଲୋକଙ୍କ ଜୀବନ ରକ୍ଷା କରିବା ସହିତ ଅତ୍ୟାବଶ୍ୟକ ସେବାକୁ ନିଶ୍ଚିତ କରିଛନ୍ତି । ଏହି ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ବିପର୍ଯ୍ୟୟ ପରିଚାଳନା ଦଳର ସଦସ୍ୟ, ପୁଲିସ କର୍ମଚାରୀ, ସଫେଇ କର୍ମଚାରୀ, ଡେଲିଭରି ଷ୍ଟାଫ୍ ?, ପରିବହନ, ରେଳବାଇ ଓ ବିମାନ କର୍ମଚାରୀ, ବିଭିନ୍ନ ସେବା ଯୋଗାଣକାରୀ, ସରକାରୀ କର୍ମଚାରୀ, ସମାଜସେବୀ ସଂଗଠନ ଏବଂ ଦୟାଳୁ ନାଗରିକମାନେ ଅଦମ୍ୟ ସାହସ ଓ ନିଃସ୍ୱାର୍ଥ ସେବାର ପ୍ରେରଣାଦାୟୀ କାହାଣୀମାନ ରଚନା କରୁଛନ୍ତି । ସହର ବଜାର ଯେତେବେଳେ ନିରବୀ ଯାଉଛି ଏବଂ ରାସ୍ତାଘାଟ ଯେତେବେଳେ ଜନଶୂନ୍ୟ ପାଲଟୁଛି, ସେମାନେ ସେତେବେଳେ ଅକ୍ଲାନ୍ତ ପରିଶ୍ରମ କରି ଲୋକେ ଯେପରି ସ୍ୱାସ୍ଥ୍ୟସେବା, ରିଲିଫ, ପାନୀୟଜଳ, ବିଜୁଳି, ପରିବହନ ଓ ଯୋଗାଯୋଗ ସୁବିଧା, କ୍ଷୀର ଓ ପନିପରିବା, ଖାଦ୍ୟ ଓ ଦୋକାନ ସଉଦା, ଔଷଧପତ୍ର ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀରୁ ବଂ*ିତ ନ ହୁଅନ୍ତି ତାହା ନିଶ୍ଚିତ କରୁଛନ୍ତି । ସେମାନେ ନିଜ ଜୀବନକୁ ବିପନ୍ନ କରି ଆମ ଜୀବନ ଓ ଜୀବିକାକୁ ସୁରକ୍ଷିତ କରିଛନ୍ତି । ଏହି ସଂକଟକାଳରେ ଅମ୍ଫନ ବାତ୍ୟା ପଶ୍ଚିମବଙ୍ଗ ଓ ଓଡିଶାରେ ବିପ୍ୱାତ ସୃଷ୍ଟି କରିଥିଲା । ବିପର୍ଯ୍ୟୟ ପରିଚାଳନା ଟିମ୍, କେନ୍ଦ୍ରୀୟ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସଂସ୍ଥା ତଥା ସତର୍କ ନାଗରିକମାନଙ୍କ ମିଳିତ ପ୍ରୟାସ ଫଳରେ ଜୀବନହାନିକୁ ଯଥେଷ୍ଟ ହ୍ରାସ କରାଯାଇପାରିଥିଲା । ଦେଶର ଉତ୍ତର ପୂର୍ବାଂ*ଳ ଓ ପୂର୍ବ ଭାଗରେ ଏବେ ବନ୍ୟା ବିପ୍ୱାତ ଦ୍ୱାରା ଲୋକେ ପ୍ରଭାବିତ । ସେମାନଙ୍କ ଜୀବନଯାତ୍ରା ବ୍ୟାହତ ହୋଇଛି । ବିପର୍ଯ୍ୟୟର ଏହି ସମୟରେ ସମାଜର ସବୁ ବର୍ଗର ଲୋକେ ମିଳିମିଶି ଦୁର୍ଦ୍ଦଶାଗ୍ରସ୍ତଙ୍କୁ ସହାୟତା କରିବା ସନ୍ତୋଷଜନକ ବିଷୟ ।

ପ୍ରିୟ ନାଗରିକ,

ମହାମାରୀ ଦ୍ୱାରା ଗରିବ ଓ ଦିନମଜୁରିଆ ଅଧିକ ପ୍ରଭାବିତ ହୋଇଛନ୍ତି । ସଂକଟର ଏହି କ୍ଷଣରେ ସେମାନଙ୍କୁ ସାହାଯ୍ୟ ଓ ସମର୍ଥନ କରିବା ପାଇଁ ଭୂତାଣୁ ନିୟନ୍ତ୍ରଣ କାର୍ଯ୍ୟ ସହିତ କଲ୍ୟାଣକାରୀ କାର୍ଯ୍ୟମାନ ମଧ୍ୟ ହାତକୁ ନିଆଯାଇଛି । ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାକୁ କାର୍ଯ୍ୟକାରୀ କରି କୋଟି କୋଟି ଲୋକଙ୍କୁ ସେମାନଙ୍କର ଜୀବିକା ଅର୍ଜନର ସୁଯୋଗ ଦେଇଛନ୍ତି । ଏହା ଫଳରେ ନିଯୁକ୍ତି ହାନି, ବିଛିନ୍ନ ହୋଇରହିବା ଏବଂ ଇତଃସ୍ତତ ଅବସ୍ଥାରେ କାଳାତିପାତ କରିବାର ପ୍ରଭାବ ହ୍ରାସ ପାଇଛି । ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ଲୋକଙ୍କୁ ସହାୟତାର ହାତ ବଢାଉଛନ୍ତି । ଏହି କାର୍ଯ୍ୟରେ କର୍ପୋରେଟ ଉଦ୍‌ଯୋଗ, ନାଗରିକ ସମାଜ ଓ ନାଗରିକମାନେ ପୂର୍ଣ୍ଣପ୍ରାଣରେ ସହଯୋଗ କରୁଛନ୍ତି ।

ଅତି ଅଭାବୀ ଲୋକଙ୍କୁ ମାଗଣାରେ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଉଛି । ଫଳରେ କୌଣସି ପରିବାର ଭୋକିଲା ରହିବାର ଅବକାଶ ନାହିଁ । ଭାରତରେ ଚାଲିଥିବା ଏହି ସର୍ବବୃହତ୍ ମାଗଣା ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମର ସମୟସୀମାକୁ ଚଳିତବର୍ଷ ନଭେମ୍ବର ଶେଷ ପର୍ଯ୍ୟନ୍ତ ବଢାଇ ଦିଆଯାଇଛି । ଏହା ମାଧ୍ୟମରେ ପ୍ରତି ମାସରେ ୮୦ କୋଟି ପରିବାରକୁ ଅନ୍ନ ସଂସ୍ଥାନ ଯୋଗାଣର ବ୍ୟବସ୍ଥା କରାଯାଇଛି । ପ୍ରବାସୀ ଓ ଇତଃସ୍ତତ ଭ୍ରମଣ କରୁଥିବା ରାସନ କାର୍ଡଧାରୀ ଶ୍ରମିକଙ୍କୁ ଦେଶର ଯେକୌଣସି ସ୍ଥାନରେ ପଡି ସାମଗ୍ରୀ ଯୋଗାଇ ଦେବାର ବ୍ୟବସ୍ଥା ସରକାର କରିଛନ୍ତି । ଏକ ଦେଶ ଏକ ରାସନ କାର୍ଡ ଯୋଜନାରେ ସବୁ ରାଜ୍ୟକୁ ଅନ୍ତର୍ଭୁକ୍ତ କରାଯାଇଛି ।

ବିଶ୍ୱର ଯେକୌଣସି ସ୍ଥାନରେ ଅଟକି ରହିଥିବା ଆମ ଦେଶର ନାଗରିକଙ୍କୁ ସ୍ୱଦେଶ ଫେରାଇ ଆଣିବାକୁ ଆମ ସରକାର ବଦ୍ଧପରିକର ହୋଇ କାର୍ଯ୍ୟ କରୁଛନ୍ତି । ଏଯାଏଁ ୧୦ ଲକ୍ଷରୁ ଅଧିକ ଭାରତୀୟଙ୍କୁ ବନ୍ଦେ ଭାରତ ଯୋଜନାରେ ବିଦେଶରୁ ସ୍ୱଦେଶ ଫେରାଇ ଅଣାଗଲାଣି । ଏହି ଆହ୍ୱାନମୂଳକ ପରିସ୍ଥିତିରେ ଭାରତୀୟ ରେଳବାଇ ଯାତ୍ରୀ ଓ ମାଲ ପରିବହନ ସେବା ମଧ୍ୟ ଜାରି ରଖିଛି ।

ଆମ ସାମର୍ଥ୍ୟରେ ଆମେ ବିଶ୍ୱାସ ରଖିଥିବାବେଳେ କରୋନା ମହାମାରୀର ମୁକାବିଲାରେ ଅନ୍ୟାନ୍ୟ ଦେଶକୁ ମଧ୍ୟ ସାହାଯ୍ୟ ସହଯୋଗ ଯୋଗାଉଛୁ । ଯେଉଁସବୁ ଦେଶ ଆମକୁ ଔଷଧପତ୍ର ଯୋଗାଇବାକୁ ଅନୁରୋଧ କରିଥିଲେ ଆମେ ତାହା ଯୋଗାଇ ଦେଇଛୁ । ଏହି କାର୍ଯ୍ୟ ମାଧ୍ୟମରେ ଆମେ ପୁଣି ଥରେ ପ୍ରମାଣ କରିଛୁ ଯେ ଦୁଃଖଦୁର୍ଦ୍ଦଶା ସମୟରେ ଭାରତ ବିଶ୍ୱ ସମୁଦାୟ ସହ ଛିଡା ହେବାକୁ ସମର୍ଥ । ମହାମାରୀର ସଫଳ ମୁକାବିଲା ପାଇଁ ଆଂ*ଳିକ ଓ ବୈଶ୍ୱିକ ସ୍ତରରେ ରଣନୀତି ପ୍ରସ୍ତୁତ କରିବାରେ ଆମେ ଆଗରେ ରହିଛୁ । ମିଳିତ ଜାତିସଂଘ ନିରାପତ୍ତା ପରିଷଦର ଅସ୍ଥାୟୀ ସଭ୍ୟପଦ ପାଇଁ ଅନୁଷ୍ଠିତ ନିର୍ବାଚନରେ ଭାରତ ଯେଉଁ ବିପୁଳ ସମର୍ଥନ ପାଇଲା ତାହା ଭାରତ ପ୍ରତି ଆନ୍ତର୍ଜାତିକ ସ୍ତରରେ ଥିବା ଶୁଭେଚ୍ଛାର ଏକ ନିଦର୍ଶନ ।

ଆମେ ନିଜ ପାଇଁ କେବଳ ବଂ*ିବାରେ ବିଶ୍ୱାସ କରୁନା, ସମଗ୍ର ବିଶ୍ୱର କଲ୍ୟାଣ କଥା ମଧ୍ୟ ଚିନ୍ତା କରୁ । ଏହା ଭାରତର ଏକ ପରମ୍ପରା । ଭାରତର ଆତ୍ମନିର୍ଭରଶୀଳତାର ଅର୍ଥ ଅନ୍ୟଠାରୁ ଦୂରେଇ ଯାଇ ବା ପୃଥକ ରହି ଆତ୍ମନିର୍ଭର ହେବା ନୁହେଁ । ଏହାର ଅର୍ଥ ନିଜେ ନିଜର ଆବଶ୍ୟକତା ପୂରଣ କରି ଆତ୍ମନିର୍ଭର ହେବା । ନିଜର ପରିଚୟ ବଜାୟ ରଖି ବିଶ୍ୱ ଅର୍ଥନୀତିରେ ନିଜର ସହଯୋଗ ଅବ୍ୟାହତ ରଖିବାକୁ ଭାରତ ଅଙ୍ଗୀକୃତ ।

ପ୍ରିୟ ଦେଶବାସୀ,

ବସୁଧୈବ କୁଟୁମ୍ବକମ୍ ? ବା ସମଗ୍ର ବିଶ୍ୱ ଏକ ପରିବାର ଭଳି ଯେଉଁକଥା ଆମ ମୁନିଋଷିମାନେ କହିଥିଲେ ସମଗ୍ର ବିଶ୍ୱ ଏବେ ତାହା ବୁଝୁଛି । ସାରା ଦୁନିଆ ଯେତେବେଳେ ମିଳିତଭାବେ ମାନବ ସମାଜ ଆଗରେ ଦେଖାଦେଇଥିବା ଆହ୍ୱାନର ମୁକାବିଲା କଥା ଚିନ୍ତା କରୁଛି ଠିକ୍ ? ସେତିକିବେଳେ ଆମ ପଡିଶାରେ କେହି ଜଣେ ତାହାର ବିସ୍ତାରବାଦୀ ଦୁଃସାହସ ଦେଖାଉଛି । ସୀମାର ସୁରକ୍ଷା ପାଇଁ ଆମ ସାହସୀ ସୈନିକମାନେ ଶହୀଦ ହୋଇଛନ୍ତି । ଭାରତମାତାର ଏହି ସୁଯୋଗ୍ୟ ସନ୍ତାନମାନେ ଜାତୀୟ ଗର୍ବ ଓ ଗୌରବ ପାଇଁ ବଂଚିଥିଲେ ଏବଂ ସମାନ ଉଦ୍ଦେଶ୍ୟରେ ଶହୀଦ ହୋଇଛନ୍ତି



। ଗଲୱାନ ଉପତ୍ୟକାର ଏହି ଶହୀଦମାନଙ୍କୁ ସମଗ୍ର ଦେଶ ସାଲ୍ୟୁଟ କରୁଛି । ପ୍ରତ୍ୟେକ ଭାରତୀୟ ଏହି ଶହୀଦମାନଙ୍କ ପରିବାର ନିକଟରେ କୃତଜ୍ଞ । ଯୁଦ୍ଧରେ ଆମର ଏହି ସାହସିକତା ଦେଖାଇ ଦେଇଛି ଯେ ଆମେ ଶାନ୍ତିରେ ବିଶ୍ୱାସ କରୁଥିଲେ ହେଁ ଆକ୍ରମଣର ଉଚିତ ଜବାବ ଦେବାକୁ ସକ୍ଷମ । ଆମ ପ୍ରତିରକ୍ଷା ବାହିନୀ, ଅର୍ଦ୍ଧସାମରିକ ବାହିନୀ ଏବଂ ପୁଲିସ ବାହିନୀର ସଦସ୍ୟଙ୍କ ପାଇଁ ଆମେ ଗର୍ବିତ । ସେମାନେ ଆମ ସୀମାକୁ ସୁରକ୍ଷିତ କରିବା ସହ ଆମର ଆଭ୍ୟନ୍ତରୀଣ ନିରାପତ୍ତାକୁ ସୁରକ୍ଷିତ କରିଛନ୍ତି ।

କରୋନା ବିରୋଧୀ ଲଢ ?ଇରେ ଉଭୟ ଜୀବନ ଓ ଜୀବିକାର ସୁରକ୍ଷା ଅତ୍ୟାବଶ୍ୟକ ବୋଲି ମୁଁ ବିଚାର କରେ । ସାଂପ୍ରତିକ ସଂକଟକୁ ଏକ ସୁଯୋଗଭାବେ ଗ୍ରହଣ କରି ଏହି ଅବସରରେ ଆମେ ଆମ ଅର୍ଥନୀତିକୁ ସୁଦୃଢ କରିବାକୁ କେତେକ ସଂସ୍କାର ଆରମ୍ଭ କରିଛୁ । ଏହା ସମସ୍ତଙ୍କ କଲ୍ୟାଣ ଓ ହିତପାଇଁ ଉଦ୍ଦିଷ୍ଟ । ଏଥିରେ କୃଷକ ଓ କ୍ଷୁଦ୍ର ଉଦ୍‌ଯୋଗୀଙ୍କ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । କୃଷି କ୍ଷେତ୍ରରେ ଐତିହାସିକ ସଂସ୍କାର ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି । ଏବେ ଚାଷୀ ବାଧାମୁକ୍ତ କାରବାରର ସୁଯୋଗ ପାଇବେ । ନିଜର ଉତ୍ପାଦିତ ସାମଗ୍ରୀ ପାଇଁ ସର୍ବୋତ୍ତମ ମୂଲ୍ୟ ପାଇବାକୁ ସେମାନେ ଦେଶର ଯେକୌଣସି ସ୍ଥାନରେ ନିଜ ସାମଗ୍ରୀ ବିକି ପାରିବେ । ଚାଷୀଙ୍କ ପାଇଁ ଥିବା କେତେକ କଟକଣାକୁ ଉଚ୍ଛେଦ କରିବାକୁ ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ସଂଶୋଧନ କରାଯାଇଛି । ଏହା ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହେବ ।

ପ୍ରିୟ ନାଗରିକ,

୨୦୨୦ ବର୍ଷରେ ଆମେ କିଛି କଠୋର ଶିକ୍ଷା ପାଇଲେ । ମଣିଷ ପ୍ରକୃତିର ପ୍ରଭୁ ବୋଲି ଯେଉଁ ଧାରଣା ଥିଲା ଏକ ଅଦୃଶ୍ୟ ଭୂତାଣୁ ତାହାକୁ ମିଥ୍ୟା ପ୍ରମାଣିତ କରିଛି । ମୁଁ ଭାବୁଛି ମଣିଷ ନିଜକୁ ସଂଶୋଧନ କରି ପ୍ରକୃତି ସହ ସମନ୍ୱୟ ରକ୍ଷା ପୂର୍ବକ ବଂଚିବା ପାଇଁ ଏବେ ବି ଅଧିକ ବିଳମ୍ବ ହୋଇନାହିଁ । ମହାମାରୀ ଓ ଜଳବାୟୁ ପରିବର୍ତ୍ତନ ଭଳି ଘଟଣାବଳୀ ବିଶ୍ୱ ସମୁଦାୟକୁ ଆମର ମିଳିତ

(ସପ୍ତମ ପୃଷ୍ଠା ଦେଖନ୍ତୁ)

## ଚନ୍ଦନଭାଟିରେ ଘୋଟୁଛି କରୋନା ସଂକ୍ରମଣ ଭୟ

ଚନ୍ଦନଭାଟି, (ନିପ୍ର) : ବଲାଙ୍ଗିର ସହରକୁ ପୂର୍ବରୁ କରୋନା ପହଂଚିଥିଲେ ସୁଦ୍ଧା ବଲାଙ୍ଗିର ବ୍ଲକ ଅଧୀନସ୍ଥ ଚନ୍ଦନଭାଟିରେ କରୋନାର ଭୟାବହତା ବିଶେଷ ଭାବେ ପରିଲକ୍ଷିତ ହେଉ ନଥିଲା । ତେବେ ଗତ ଗୋଟିଏ ଦିନରେ ଚନ୍ଦନଭାଟିରୁ ୯ ଜଣ ସଂକ୍ରମିତ ଚିହ୍ନଟ ହେବା ପରେ ସ୍ଥାନୀୟ ଅଂଚଳରେ ଚହଳ ସୃଷ୍ଟି ହୋଇଛି । ସ୍ଥାନୀୟ ଜନସାଧାରଣଙ୍କ ଖାମଖିଆଲି ମନୋଭାବ ତଥା ସାମାଜିକ ଦୂରତା ନ ମାନିବା ସଂଗେ ସଂଗେ ଦଳ ଦଳ ହୋଇ ରହିବା, କୋଭିଡ୍ ଆଇନ ଅନୁସାରେ ମାସ୍କ ପରିଧାନ ନ କରିବା ଆଦି କାରଣରୁ ଆଜି ଚନ୍ଦନଭାଟିରେ କରୋନା ସଂକ୍ରମଣ ତାର କାୟା ବିସ୍ତାର କରିଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ରୋଗୀ ସଂଖ୍ୟାରେ ଲୋକେତେବେ କରୋନା ସଂକ୍ରମଣକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଉଚିତ ପଦକ୍ଷେପ ନେବା ସହ କରୋନା ନିୟମକୁ ସଂପୃକ୍ତ ଅଂଚଳରେ କଡ଼ାକଡ଼ି କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି ।

## ମହୁମାଛି ଆକ୍ରମଣରେ ୧ ମୃତ, ୧ ଗୁରୁତର

ବୌଦ୍ଧ,(ସ୍ୱପ୍ର): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ମନମୁଣ୍ଡା ଥାନା ଅଂଚ଼ଳରେ ମହୁମାଛି ଆକ୍ରମଣରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଥିବା ଜଣାଯାଇଛି । ପ୍ରାପ୍ତ ସୂଚ଼ନା ଅନୁଯାୟୀ ଶୁଣ୍ଡିପଦର ଗ୍ରାମ ପଞ୍ଚାୟତ ନଦିଆନଗର ଗ୍ରାମର ଭୁଜଶେଖର କର୍ମୀ ଓ ତାଙ୍କ ପତ୍ନୀ ଗତକାଲି ନିଜ ବିଲକୁ ଯାଇଥିବା ବେଳେ ଉଭୟେ ମହୁମାଛି ଆକ୍ରମଣର ଶିକାର ହୋଇ ଗୁରୁତର ହୋଇ ପଡିଥିଲେ । ଗୁରୁତର ଦ୍ୱୟଙ୍କୁ ଉଦ୍ଧାର କରି ସୋନପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । ତେବେ ଚ଼ିକିତ୍ସାଧୀନ ଅବସ୍ଥାରେ ଭୁଜଶେଖରଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ସୁସ୍ଥ ଥିବା ଜଣାପଡିଛି, ତାଙ୍କର ୨ପୁଅ ଓ ୩ଝିଅ ଅଛନ୍ତି । ଶବ ବ୍ୟବଚ୍ଛେଦ ପରେ ଆଜି ନିଜ ଗ୍ରାମରେ ଅନ୍ତିମ ସଂସ୍କାର କରାଯାଇଥିଲା । ତାଙ୍କର ସୁପୁତ୍ର ନାରାୟଣ କର୍ମୀ ଓ ଲକ୍ଷ୍ମଣ କର୍ମୀ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ଭୁଜଶେଖର ଜଣେ କ୍ଷୁଦ୍ର ଚାଷୀ, ମିଷ୍ଟଭାଷୀ ଓ ଧର୍ମପରାୟଣ ତଥା ପରୋପକାର ମଣିଷ ଥିଲେ । ତାଙ୍କ ମୃତ୍ୟୁରେ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

## ସମାଜସେବୀ ନାରାୟଣ ପଧାନଙ୍କ ଦେହାନ୍ତ

ଆଗଲପୁର, (ନିପ୍ର) : ଆଗଲପୁର ବ୍ଲକ ଅନ୍ତର୍ଗତ କୁଟାସିଂହା ଗ୍ରାମର ସମାଜସେବୀ ନାରାୟଣ ପଧାନଙ୍କ ୭୪ ବର୍ଷ ବୟସରରେ ପରଲୋକ ହୋଇଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ଧର୍ମପତ୍ନୀ ନୁରାବତି ପଧାନ, ପୁଅ ଶୁଭେନ୍ଦୁ କୁମାର ପଧାନ, ପ୍ରମୋଦ କୁମାର ପଧାନ, ରାଜୀବ କୁମାର ପଧାନ, ଗରି ଝିଅ, ଜ୍ୱାଇଁ, ନାତି, ନାତୁଣି , ପରିବାରବର୍ଗ ତଥା ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ଦୀର୍ଘ ଦିନ ଧରି ସ୍ୱର୍ଗତ ପଧାନ କୁଟାସିଂହା ଉଚ୍ଚ ବିଦ୍ୟାଳୟର ସଂପାଦକ ତଥା ଗ୍ରାମର ସଭାପତି ଥିଲେ । ଅନ୍ତିମ ସଂସ୍କାର ପୈତୃକ ଗ୍ରାମ କୁଟାସିଂହାରେ ସାମାଜିକ ଦୂରତ୍ୱ ବଜାୟ ପୂର୍ବକ ସମାହିତ ହୋଇଥିଲା । ପୁତ୍ର ଶୁଭେନ୍ଦୁ ମୁଖାଗ୍ନୀ ଦେଇ ଥିଲେ ।

# ଅଧାବାଟରେ ଅଟକିଛି ଆମ୍ବପାଲି ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ

ଲୋଇସିଂହା, (ନିପ୍ର) : କଥାରେ ଅଛି- ସରକାରୀ ମାଲ୍, ଦରିଆ ମେ ଡାଲ୍ । ସରକାରଙ୍କ ରାଜକୋଷରୁ ବ୍ୟାପକ ରାଜସ୍ୱ ଖର୍ଚ୍ଚ ପରେ ଦ୍ୱିତୀୟ ଥର ପାଇଁ ଗତ ୨୦୧୭ ଜୁଲାଇ ମାସରୁ ଆରମ୍ଭ ହୋଇଥିବା ଆମ୍ବପାଲି ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଅଧାବାଟରେ ଅଟକିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଲୋଇସିଂହା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଗତ ୨୦୧୭ ମସିହାରୁ ଲୋଇସିଂହା ବ୍ଲକ ଅନ୍ତର୍ଗତ ଝାରମୁଣ୍ଡା ପଂଚାୟତ ଅଧୀନସ୍ଥ ଆମ୍ବପାଲିଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ଦ୍ୱିତୀୟ ଥର ସକାଶେ ଏକ ପ୍ରକଳ୍ପ ଆରମ୍ଭ ହୋଇଥିଲା । ଏନେଇ ଗାଁ ନିକଟସ୍ଥ କୁଶଙ୍ଗାଇ ଜୋରରେ ପାଣିଟ୍ୟାଙ୍କ ନିର୍ମାଣ ଆରମ୍ଭ ହୋଇଛି; ଯାହାକି ଅଧାପନ୍ତରିଆ ଭାବେ ପଡ଼ି ରହିଥିବା ଜଣାଯାଇଛି । ଏପରିକି ଟ୍ୟାଙ୍କରେ ବିଭିନ୍ନ ପ୍ରକାରର ଗଛଲତା ଉଠିଯାଇଛି । ସେହିପରି ଗାଁକୁ ପାଇପ ବିଛା କାମ ମଧ୍ୟ ଅଧା ପନ୍ତରିଆ ହୋଇ ପଡି ରହିଛି । ସୂଚନା ଥାଉକି, ଦୀର୍ଘ ୧୦ ବର୍ଷ ପୂର୍ବରୁ ଗାଁ ମୁଣ୍ଡରେ ମଧ୍ୟ ଏକ ଗଭୀର ନଳକୂପ ଖନନ କରାଯାଇଥିଲା । କାର୍ଯ୍ୟକ୍ଷମ ପାଇଁ ଏକ ପମ୍ପହାଉସ ନିର୍ମାଣ ମଧ୍ୟ ସରିଥିଲା । କିନ୍ତୁ ଆବଶ୍ୟକ ପାଣି ଅଭାବରୁ ଏହି ପ୍ରକଳ୍ପ ଫେଲ୍ ମାରିଥିଲା । ତେବେ ୨୦୧୭ରେ ପୁଣି ଦ୍ୱିତୀୟ ଥର ସକାଶେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ କାମ ଆରମ୍ଭ ହେଲା; ଯାହାକି ସଂପୂର୍ଣ୍ଣ ହେବା ନେଇ ଗ୍ରାମବାସୀ ଆଶଙ୍କା କରିଛନ୍ତି । ତେଣୁ ତୁରନ୍ତ ଏହି ପ୍ରକଳ୍ପକୁ ସଂପୂର୍ଣ୍ଣ କରି ଆମ୍ବପାଲି ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ଝାରମୁଣ୍ଡା ସରପଂଚ ସୁନୀଲ କୁମାର ଅଗ୍ରୱାଲ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।



ଏନେଇ ବିଭାଗୀୟ କନିଷ୍ଟ ଯନ୍ତ୍ରୀଙ୍କୁ ପଚାରିବାରୁ ପ୍ରଥମ ଥର ଫେଲ ମାରିବା ଯୋଗୁଁ ବିଳମ୍ବ ହୋଇଥିଲା । ଏପରିକି କାମ ଶୀଘ୍ର ସାରିବାକୁ ଉଦ୍ୟମ ଚାଲିଥିବା ବେଳେ କରୋନା କିଛି ମାତ୍ରାରେ ଅସୁବିଧା ସୃଷ୍ଟି କଲା । ତଥାପି ବହୁତ ଶୀଘ୍ର ଗ୍ରାମବାସୀଙ୍କୁ ଏହି ପ୍ରକଳ୍ପ ମାଧ୍ୟମରେ ଜଳ ଯୋଗାଣ କରାଯିବାର ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ ।

# ପଦାରେ ପଡିଲା ବ୍ଲକ ପ୍ରଶାସନର ଅବହେଳା : ଜରାଜୀର୍ଣ୍ଣ ଘରେ ରାତ୍ରୀଯାପନ ବେଳେ କାନ୍ଥ ଭାଙ୍ଗି ଜଣେ ମୃତ, ୪ ଗୁରୁତର

ପାଟଣାଗଡ, (ନିପ୍ର) : ପାଟଣାଗଡ ବ୍ଲକ ଅନ୍ତର୍ଗତ ଦେଉଲଗାଁ ଗ୍ରାମ ପଂଚାୟତ ଘୁନଘୁଟିପାଲି ଗ୍ରାମରେ ଶନିବାର ରାତିରେ ଲଗାଣ ବର୍ଷା ଯୋଗୁଁ କାନ୍ଥ ଭୁଷୁଡି ଜଣେ ମୃତ ହୋଇଥିବା ବେଳେ ୪ ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସାରତ ଅଛନ୍ତି । ଘଟଣା ଅନୁଯାୟୀ ଘୁନଘୁଟିପାଲି ଗ୍ରାମର ଶୋଭାବନ ବାରଲେଣ୍ଡିଆଙ୍କ ପରିବାର ତାଙ୍କ ଚାଷ ଜମିରେ ରହୁଥିବା ବେଳେ ଶନିବାର ସନ୍ଧ୍ୟାରେ ଗାଁ ରେ ଥିବା ତାଙ୍କ ସମ୍ପର୍କୀୟ ଘରକୁ ଶନିମେଳା ଦେଖିବାକୁ ଆସିଥିଲେ । ଲଗାଣ ବର୍ଷା ଯୋଗୁଁ ସେମାନେ ଫେରି ନପାରି ଗାଁରେ ଥିବା ତାଙ୍କ ପରିତ୍ୟକ୍ତ ଘରେ ଶୋଇ ପଡିଥିଲେ ।

ଘର ଦୁର୍ବଳ ଅବସ୍ଥାରେ ଥିବା ବେଳେ ଗତ ୨ ଦିନ ହେଲା ଲଗାଣ ବର୍ଷା ଯୋଗୁଁ କାନ୍ଥ ଦୁର୍ବଳ ହୋଇ ସକାଳ ଭୋର ୪ଟା ୩୦ରେ ସେମାନଙ୍କ ଉପରେ କାନ୍ଥ ପଡିଯାଇଥିଲା । ଗ୍ରାମବାସୀ ଏହା ଜାଣିବା ପରେ ସଙ୍ଗେ ସଙ୍ଗେ ମାଟି କାଢି ସେମାନଙ୍କୁ ଉଦ୍ଧାର କରିଥିଲେ । ଘଟଣାସ୍ଥଳରେ ହିଁ ଝିଅ ଦୀପା ବାରଲେଣ୍ଡିଆ (୧୯)ଙ୍କ ମୃତ୍ୟୁ ହୋଇ ଯାଇଥିବା ବେଳେ ଶୋଭାବନ(୫୦), ତାଙ୍କ ସ୍ତ୍ରୀ ସତ୍ୟଭାମା ବାରଲେଣ୍ଡିଆ (୪୫), ପୁଅ ଦୀପକ ବାରଲେଣ୍ଡିଆ (୧୫) ଏବଂ ଦିର୍ଜ୍ୟୁ ବାରଲେଣ୍ଡିଆ (୧୦)ଙ୍କୁ ଗୁରୁତର ଅବସ୍ଥାରେ ପାଟଣାଗଡ ଡାକ୍ତରଖାନାକୁ ଅଣାଯାଇଥିଲା । ପାଟଣାଗଡ ବ୍ଲକ ଅଧ୍ୟକ୍ଷ ଭକ୍ତବନ୍ଧୁ ନାଏକ ଏବଂ ସମିତି ସଭ୍ୟ ଜୟନ୍ତ କୁମାର ପାଟଣାଗଡ ଡାକ୍ତରଖାନାରେ ଉପସ୍ଥିତ ରହି ସେମାନଙ୍କ ଚିକିତ୍ସା କରାଇଥିଲେ । ଖବର ପାଇ ପାଟଣାଗଡ ଉପଜିଲ୍ଲାପାଳ ସୋମନାଥ ପ୍ରଧାନ ପାଟଣାଗଡ ଡାକ୍ତରଖାନାକୁ ତୁରନ୍ତ ପହଂଚି ସେମାନଙ୍କ ଅବସ୍ଥା ସମ୍ପର୍କରେ ବୁଝିଥିଲେ ଏବଂ ସମସ୍ତ ସରକାରୀ ସାହାଯ୍ୟ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ପରେ ଆହତ ମାନଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବଲାଙ୍ଗିର ଭୀମଭୋଇ ଡାକ୍ତରଖାନାକୁ ଚିକିତ୍ସା ପଠାଯାଇଥିଲା । ଘଟଣାସ୍ଥଳକୁ ପାଟଣାଗଡ ତହସିଲଦାର ଡ.ପୁଷ୍ପାଞ୍ଜଳୀ ପଣ୍ଡା ଏବଂ ଥାନାଅଧିକାରୀ କେ. ପ୍ରିୟଙ୍କା ରାଉତରାୟ ପହଂଚି ଭାଙ୍ଗି ଯାଇଥିବା ଘର ଦେଖିବା ସହ କ୍ଷତିପୂରଣ ପାଇଁ ଆକଳନ କରି ତୁରନ୍ତ ରିପୋଟ ପ୍ରସ୍ତୁତ କରିବାକୁ ଆରଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟପକ୍ଷରେ ଅଂଚଳରେ ଗରୀବ ଶ୍ରେଣୀର ଲୋକମାନଙ୍କୁ ସରକାରୀ ସୁବିଧା ଯଥା ଆବାସ ଯୋଜନା, ବିଜୁ ପକ୍କା ଘର ଯୋଜନାରେ ସାମିଲ କରାଯାଉନଥିବା ବେଳେ ବଡବଡିଆ ଲୋକଙ୍କୁ ଖାଲି ସରକାରୀ ସୁବିଧା ସୁଯୋଗ ପ୍ରଦାନ କରାଯାଉଛି ବୋଲି ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ ଶୀଘ୍ର ପୀଡ଼ିତ ପରିବାରଙ୍କୁ ସରକାରୀ ସାହାଯ୍ୟ ପ୍ରଦାନ



ପାଇଁ ଦାବୀ ଜଣାଇଥିଲେ । ମୃତ ଦୀପା ଶରୀରକୁ ବ୍ୟବଚ୍ଛେଦ କରାଯାଇ ତାଙ୍କ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଛି । ଏଠାରେ ସୁଚନା ଯୋଗ୍ୟ ଯେ ବିଧାୟକଙ୍କ ଖପ୍ରାଖୋଲ ବ୍ଲକ ପ୍ରତିନିଧି ପଂଚୁଦେବ ସାହୁ ତାଙ୍କ ପରିବାର ସଦସ୍ୟ ପାଇଁ ନିଜ ପଦମର୍ଯ୍ୟାଦାର ଦୁରୁପଯୋଗ କରି ୫ଟି ଆବାସ ଗୃହ ପାଇଥିଲେ । କିନ୍ତୁ ପାଟଣାଗଡ ବ୍ଲକ ଦେଉଳଗାଁ ପଂଚାୟତରେ ବିଧାୟକଙ୍କ ସମର୍ଥିତ ସରପଂଚ ଥିଲେ ସୁଦ୍ଧା ଏଠାକାର ଗରିବ ଦାଦନ ପରିବାରମାନେ ବିପଦସଙ୍କୁଳ ଅବସ୍ଥା ରେ ଥିଲେ ସୁଦ୍ଧା ନା ବ୍ଲକ ପ୍ରଶାସନ, ନା ବିଧାୟକ ନା ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଆଖିକୁ ଦେଖାଯାଇଛି । ଏଭଳି ଦୟନୀୟ ଅବସ୍ଥାରେ ଘର ଥାଇ ଆବାସ ଯୋଜନାରୁ ବଂଚିତ ବାରଲେଣ୍ଡିଆ ପରିବାରର ଜଣେ ସଦସ୍ୟଙ୍କ ଶୌଚନୀୟ ମୃତ ହେବା ପରେ ସରକାରୀ ଯୋଜନାର ସଫଳ ରୂପାୟନ ହେବ ନା ଆଗକୁ ଏଭଳି କେତେ ପରିବାରର ଜୀବନ ଦୀପ ବାଜି ଲାଗିବ, ତାହା ଆଗାମୀ ଦିନରେ ଜଣାପଡିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

# ୮ବର୍ଷ ହେଲା ବନ୍ଦ ଅଛି ଦେଓଗାଁ ଚିନିକଳ : ଅଂଚଳରେ ବଢୁଛି ବେକରୀଙ୍କ ସଂଖ୍ୟା

ଦେଓଗାଁ, (ନିପ୍ର) : ଶିଳ୍ପ ବିହୀନ ବଲାଙ୍ଗିର ଜିଲ୍ଲାରେ ବର୍ତ୍ତମାନ ନିଯୁକ୍ତିର କୌଣସି ସୁଯୋଗ ନାହିଁ । ଏପରିକି କରୋନା ଯୋଗୁଁ ସରକାର ପକ୍ଷରୁ ୨ବର୍ଷ ପର୍ଯ୍ୟନ୍ତ କୌଣସି ନିଯୁକ୍ତି ମଧ ମିଳିବା ନେଇ ଅନିଶ୍ଚିତତା ଦେଖା ଦେଇଛି । କେବିକେ ଅଂଚଳର ଏକମାତ୍ର ଶିଳ୍ପ ପ୍ରତିଷ୍ଠାନ ଆର୍ଥିକ ଅନାଟନ ଦେଇ ଗତି କରୁଥିବା ବଲାଙ୍ଗିର ଜିଲ୍ଲାର ଦେଓଗାଁ ବ୍ଲକ୍ ସାଗରପାଲି ସ୍ଥିତ ବିଜୟାନନ୍ଦ ଚିନିକଳ ଋଣ ଭାରରେ ବୁଡି ରହିବା ଯୋଗୁଁ ଦୀର୍ଘ ୮ବର୍ଷ ହେଲା ବନ୍ଦ ହୋଇପଡ଼ିଛି । ସେହି ସମୟରେ ଏହି ଶିଳ୍ପାନୁଷ୍ଠାନରେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ୧୦ହଜାର ଲୋକ ବିଭିନ୍ନ ପ୍ରକାରରେ ଉପକୃତ ହେଉଥିଲେ । ଏବେ ଏହା ବନ୍ଦ ପଡି ଥିବାରୁ ଅଂଚଳରେ ବେକାରୀ ଲୋକଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିବାରେ ଲାଗିଛି । ଏହି ଚିନିକଳକୁ ଚଳାଇବାକୁ ବିଭିନ୍ନ ସମୟରେ ଜାତୀୟ ରାଜପଥରେ ଆନ୍ଦୋଳନ ହୋଇଛି । ବଲାଙ୍ଗିରକୁ ବିଭିନ୍ନ ସମୟରେ କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ସହ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ହୋଇଥିଲେ ମଧ କେବେ ବି ଏଥିପ୍ରତି ଧ୍ୟାନ ଦେଇନ ଥିବାରୁ ଅଂଚଳବାସୀଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଉଛି । ବନ୍ଦ ଚିନିକଳକୁ ଚାଲୁ କରିବାକୁ ବିଭିନ୍ନ ମହଲରୁ ଦାବୀ ହେଉଛି । ଦେଓଗାଁ ବ୍ଲକର ବହୁ ଯୁବକ, ଲୋକେ ରାଜ୍ୟ ବାହାରକୁ ଯାଇଥାନ୍ତି ଦାଦନ ଖଟିବାକୁ ।




ହେଲେ ଏବେ କରୋନା ପାଇଁ ରାଜ୍ୟ ବାହାରରୁ ଫେରି ଆସିଥିବାରୁ ଅଂଚଳରେ ବେକାରୀ ସମସ୍ୟା ସୃଷ୍ଟି ହେଉଛି । ସେମାନେ ନିଜର ଦୈନନ୍ଦିନ ଆର୍ଥିକ ଆବଶ୍ୟକତା ପୂରଣ କରିବାକୁ ବିପଥଗାମୀ ହେବା ସହ ଅପରାଧମୁହାଁ ହେବାର ଆଶଙ୍କା ଦେଖିବାକୁ ମିଳୁଛି । ଅଂଚଳରେ ରନ୍ଧାମଦ କୁଟୀର ଶିଳ୍ପ ଭାବେ ମାନ୍ୟତା ପାଇ ସାରିଥିବା ବେଳେ କମ୍ ପଇସାରେ ଅଧିକ ଲାଭ ମିଳିବା ନେଇ ବେଆଇନ ସଟ୍ଟାଖେଳ ପ୍ରତି ଯୁବ ପିଢିଙ୍କ ଆକର୍ଷଣ ବଢ଼ିବାରେ ଲାଗିଛି । ସୂଚନାଯୋଗ୍ୟ ଯେ, ବେକାରୀ ଅପାଠୁଆ ହେଉ କି ପ୍ରଥମ, ପଂଚମ, ମ୍ୟାଟ୍ରିକ ସହ କଲେଜ ପଢୁଆ ବେକାରୀ, ସବୁ ଶ୍ରେଣୀର ବେକାରୀ ଯୁବକ, ଯୁବତୀ ଭର୍ତି ଦେଓଗାଁ ଅ*ଳରେ । ଦେଓଗାଁ ବ୍ଲକରେ ମାତ୍ର ୩ଟି ଯୁକ୍ତ ଦୁଇ କଲେଜ ଓ ୨ଟି ଯୁକ୍ତ ତିନି ଡିଗ୍ରୀ କଲେଜ ରହିଛି । ଗୁରୁତ୍ୱପୂର୍ଣ୍ଣ କଥା ଏହା ଯେ, ଏହି ସମସ୍ତ କଲେଜଗୁଡିକ ଦେଓଗାଁ ସଦର ଓ ତାର ନିକଟସ୍ଥ ଗାଁରେ ରହିଛି । ଯାହାଫଳରେ ଦୂର ଦୂରାନ୍ତରେ ଥିବା ଗାଁଗୁଡ଼ିକର କୃଷିଭିତ୍ତିକ ଅଂଚଳର ଧାର୍ଯ୍ୟ ସୀମାରେଖା ତଳେ ଥିବା ଛାତ୍ରଛାତ୍ରୀ ସମ୍ବଳ ଅଭାବ ଯୋଗୁଁ ଅଧାରୁ ହିଁ ପାଠପଢ଼ା ଛାଡ଼ି ଦେବାକୁ ବାଧ ହେଉଛନ୍ତି । କିଛି ଲୋକ ପଇସା ଖର୍ଚ୍ଚ କରି ନିଜ ପୁଅଝିଅଙ୍କୁ ବାହାରେ ରଖି ପାଠ ପଢ଼ାଉଛନ୍ତି । ସେମାନେ ଉଚ୍ଚ ଶିକ୍ଷା ସମାପ୍ତ କରିବା ପରେ ନିଯୁକ୍ତିର ବିଶେଷ ସୁଯୋଗ ମଧ ନାହିଁ । ଯାହାଫଳରେ ଅଂଚଳର ଶିକ୍ଷିତ ଯୁବଗୋଷ୍ଠୀ ଏକ ଅନିଶ୍ଚିତ ଭବିଷ୍ୟତ ନେଇ ବଂଚିବାକୁ ବାଧ ହେଉଛନ୍ତି । ଶେଷରେ ଅପରାଧ, ଅସାଧାରଣ କାମ କରି ପଇସା ରୋଜଗାର କରିବାକୁ ପଛାଇବେ ନାହିଁ ବୋଲି ଶିକ୍ଷିତ ମହଲରେ ମତ ପ୍ରକାଶ ପାଉଛି ।

# ବଲାଙ୍ଗିରରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଉଦ୍‌ଯାପିତ : ତିନି ଦିନରେ ୫୩୭ ୟୁନିଟ୍ ରକ୍ତ ସଂଗ୍ରହ




ବଲାଙ୍ଗିର, (ନିପ୍ର) : ଓଡ଼ିଶା ମୋ' ପରିବାର ତରଫରୁ ବିଜୁ ଜନତା ଦଳ ଦ୍ୱାରା ସମଗ୍ର ରାଜ୍ୟରେ ଜୀବନ ବିନ୍ଦୁ ନାମରେ ସ୍ୱେଚ୍ଛାକୃତ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି କାର୍ଯ୍ୟକ୍ରମ ବଲାଙ୍ଗିରରେ ମଧ୍ୟ ରାଜ୍ୟ ବରିଷ୍ଠ ଉପସଭାପତି ଅନଙ୍ଗ ଉଦୟ ସିଂହଦେଓ ଓ ରାଜ୍ୟର ସାଧାରଣ ସଂପାଦକ କଳିକେଶ ନାରାୟଣ ସିଂହଦେଓ ଓ ଯୁବନେତାଅର୍କେଶ ନାରାୟଣ ସିଂହଦେଓଙ୍କ ତତ୍ତ୍ୱାବଧାନ ତଡା ଜିଲ୍ଲା ସଂଯୋଜକ ସାଗର ସଂଗମ ଶତପଥୀଙ୍କ ସଂଯୋଜନାରେ ତିନି ଦିନ ଧରି ରକ୍ତଦାନ ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗତ ଶନିବାର ଦିନ ଏହାର ତୃତୀୟ ଦିବସ ହୋଇଥିବା ବେଳେ ଏହା ଉଦ୍‌ଯାପିତ ହୋଇଯାଇଛି । ତୃତୀୟ ଦିବସରେ ବଲାଙ୍ଗିର ପୌରାଂଚଳରୁ ବିଭିନ୍ନ ରକ୍ତଦାତାମାନେ ଆସି ସ୍ୱେଚ୍ଛାକୃତ ଭାବେ ଏହି ଶିବିରରେ ରକ୍ତଦାନ କରିଥିଲେ । ଏହି ଦିବସରେ ଶିବିର ଶେଷ ହେବା ସମୟରେ ଏହା ସମୁଦାୟ ୨୩୬ ୟୁନିଟ୍‌କୁ ପହଂଚିଥିଲା । ରକ୍ତଦାନ କରିବା ପାଇଁ ଦଳ ତରଫରୁ ବିଭିନ୍ନ ବାର୍ତ୍ତା ଓ ସ୍ଲୋଗାନ ଦିଆଯାଇଥିଲା, ଯାହା ଆଜି ଶହ ଶହ ଲୋକଙ୍କ ରକ୍ତଦାନରେ ସଫଳ ହୋଇଛି । ଏହାସହ ସମସ୍ତ ରକ୍ତଦାତାଙ୍କୁ ଜିଲ୍ଲା ବନବିଭାଗ ପକ୍ଷରୁ ଚାରା ପ୍ରଦାନ କରାଯାଇଛି, ଯାହା ଆଗାମୀ ଦିନରେ ଆମ ସହରରେ ପ୍ରକୃତିକୁ ଆହୁରି ବଳିଷ୍ଠ କରି ଗଢ଼ି ତୋଳିବ ବୋଲି ଆଶା କରାଯାଉଛି । ପ୍ରକାଶ ଯୋଗ୍ୟ ଯେ, ଅଗଷ୍ଟ ୧୩ ପ୍ରଥମ ଦିନରେ ସ୍ଥାନୀୟ ପେଲେସ ଲାଇନ୍‌ଠାରେ ଥିବା ମୀନା ଟେଣ୍ଟହାଉସ୍‌ଠାରେ ଏହି ରକ୍ତଦାନ ଶିବିର ଉଦ୍‌ଘାଟିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଟୁକୁନି ସାହୁ ଓ ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ଅରୂପ ପଟ୍ଟନାୟକ ଯୋଗ ଦେଇ ଏହି ଉଦ୍‌ଘାଟନ କରିଥିଲେ । ରାଜ୍ୟରେ ଯେମିତି ରକ୍ତର ଅଭାବ ଦେଖା ନଦେବ, ତା' ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ସହ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଆରମ୍ଭ କରାଯାଇଥିଲା । ପ୍ରତିଦିନ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରିବା ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ଏହି ଶିବିର ପ୍ରଥମ ଦିନରେ ହିଁ ୧୧୦ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲା । ସେହିପରି ଦ୍ୱିତୀୟ ଦିନରେ ବଲାଙ୍ଗିର ବନଖଣ୍ଡ ଅଧିକାରୀ ସମୀର କୁମାର ଶତପଥୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଦ୍ୱିତୀୟ ଦିନର ଶିବିରକୁ ଉଦ୍‌ଘାଟିତ କରିଥିଲେ । ଦ୍ୱିତୀୟ ଦିନର ଏହି ଶିବିରରେ ମୁଖ୍ୟତଃ ଦେଓଗାଁ ବ୍ଲକ୍‌ର ସ୍ୱେଚ୍ଛାସେବୀମାନେ ଆସି ରକ୍ତଦାନ କରିଥିଲେ । ଦେଓଗାଁ ବ୍ଲକ୍ ଅଧ୍ୟକ୍ଷା ରୀନା ମେହେର, ବିଡ଼ିସିସି ଚେୟାରମେନ୍ ଲକ୍ଷ୍ମଣ ମେହେର ଓ ବ୍ଲକ୍ ସଭାପତି ସୁଶୀଲ ଚାନ୍ଦଙ୍କ ନେତୃତ୍ୱରେ ସର୍ବାଧିକ ୧୯୧ ୟୁନିଟ୍ ରକ୍ତ ସଂଗ୍ରହ କରିବାକୁ ଶିବିର ସଫଳ ହୋଇଥିଲା । ତୃତୀୟ ଓ ଅନ୍ତିମ ଦିବସରରେ ଉପସଭାପତି ଅନଙ୍ଗଉଦୟ ସିଂହଦେଓ ଓ ତାଙ୍କ ପୁତ୍ର କଳିକେଶ ଏବଂ ଅର୍କେଶ ଆସି ଏହି ରକ୍ତଦାନ ଶିବିରକୁ ଉଦ୍‌ଯାପିତ କରିବାର ଯୋଜନା ଥିଲା । କିନ୍ତୁ ଅତ୍ୟଧିକ ବର୍ଷା ଯୋଗୁଁ ସେମାନେ ଶିବିରକୁ ପହଂଚି ପାରି ନଥିବା ବେଳେ ଉପସ୍ଥିତ ଦଳୀୟ କର୍ମୀ ଓ ଜିଲ୍ଲା ସଂଯୋଜକ ସାଗର ସଂଗମ ଶତପଥୀଙ୍କୁ ଉଦ୍‌ଯାପନୀ କାର୍ଯ୍ୟକ୍ରମର ସମସ୍ତ ଦାୟିତ୍ୱ ଦେଇଥିଲେ । ଉଦ୍‌ଯାପନ ଦିବସରେ ବଲାଙ୍ଗିର ପୌରାଂଚଳର ବିଭିନ୍ନ ରକ୍ତଦାତା ଉତ୍ସାହ ସହିତ ଆସି ସ୍ୱେଚ୍ଛାକୃତ ଭାବେ ସର୍ବାଧିକ ୨୩୬ ୟୁନିଟ୍ ରକ୍ତଦାନ କରିଥିଲେ । ଏହା ସହିତ ଗତ ତିନି ଦିନରେ ଏହି ଜୀବନ ବିନ୍ଦୁ ଶିବିର ୫୩୭ ୟୁନିଟ୍ ରକ୍ତ ସଂଗ୍ରହ କରିବାକୁ ସଫଳ ହୋଇଥିଲା । ଏହି ଶିବିର କୋଭିଡ ନିୟମକୁ ଆଖିରେ ରଖିବା ସହ ରକ୍ତଦାତାଙ୍କ ସୁବିଧା ବେଶ୍ ଖେୟାଲ ରଖାଯାଇଥିଲା । ତିନିଦିନ ଯାକ ହସ୍‌ପିଟାଲ ତଥା ରେଡ଼କ୍ରସର କର୍ମଚାରୀମାନେ ଆସି ରୋଗୀଙ୍କ ସେବା କରିବା ସହିତ ରକ୍ତ ସଂଗ୍ରହରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ତେବେ ଲୋକଙ୍କୁ ରକ୍ତଦେବା ପାଇଁ ଆହ୍ୱାନ କରିବା ସହିତ ଉଦାହରଣ ହେବା ପର୍ଯ୍ୟନ୍ତ ଜିଲ୍ଲା ବିଜୁ ଜନତା ଦଳର ବିଭିନ୍ନ କର୍ମୀମାନେ ଦିନରାତି କାମ କରିଛନ୍ତି । ସଂଯୋଜକ ଶ୍ରୀ ଶତପଥୀଙ୍କ ନେତୃତ୍ୱରେ ଅଶୋକ ମହାନ୍ତି, ରାଜେନ୍ଦ୍ର ହୋତା, ଓଁକାର ନାୟକ, ଦୁର୍ଗା ବେହେରା, ପ୍ରବୀଣ ମିଶ୍ର, ପ୍ରଦ୍ୟୁତ ମିଶ୍ର, ସଂଜୀବ ମିଶ୍ର, କୈଳାଶ ମହାନ୍ତି, ଶିବ ବେହେରା, ସଂତୋଷ ଦନ୍ତା, ବୁଲୁ ବେହେରା, ଗୁଂଜ ଖାନ୍, ଭଗବାନ ବଗର୍ତ୍ତି, ପ୍ରଦୀପ ସାହୁ, ନରସିଂହ ବାଗ, ଧ୍ରୁବ ଜୁଏଡ଼, ରାମ ନାଏକ, ମହେନ୍ଦ୍ର ବାଗ, ବାଲାଜୀ ପଣ୍ଡା, ପ୍ରଦ୍ୟୁମ୍ନ ହୋତା, ନିହାରରଂଜନ ସ୍ୱାଇଁ, ସନ୍ତୋଷିନୀ ବେହେରା, ଲିପିଶ୍ରୀ ସାଏ, ରଂକୁ ରାଏମନ, ଦମୟନ୍ତୀ ବାଗ, ସରିତା ଦାସ, ମମତା ଜେନା, ଗୋଲାପୀ ବରାଡ଼, ନୀଳିମା ପଟେଲ, କଳ୍ପନା ସାହୁ, ସୁରେନ୍ଦ୍ର ମେହେର, ଦୀପକ ପଣ୍ଡା, ସୁମନ ନନ୍ଦ, ତେଜରାଜ ଚୌଧୁରୀ, ସ୍ୱରୂପ ଦାଶ, ଶମ୍ଭୁ ଚୋପଦାର, ରାଜୁ ଦାଶ, ଆଶୀର୍ବାଦ ସାହୁ, ବୀରସେନ ସାହୁ, କୁନା ବାଗ, ଦେବାଶିଷ ଲେଙ୍କା, ଅସରଫ୍ ଅଲ୍ଲି ଖାନ, ଗଲୋପ ବାଗ, ମୁନୁ ପୋଡ଼, ଜିତେନ୍ଦ୍ର ସ୍ୱାଇଁ, ଧୀରୁ ବନ୍‌ଛୋର୍, ଅକ୍ଷୟ ବନ୍‌ଛୋର୍, ଭରତ ସେଠ୍, ସତ୍ୟ ନାୟକ, ସଂଜୀବ ନାଥ, ନିଳାଦ୍ରୀ ସିଂହ, ମୁନା ଖାନ, ଶମ୍ଭୁ ନାଗ, ବାସନ୍ତୀ ସିଂବୁଡ଼େକ୍, ରଂଜନା ମହାନ୍ତି, ଉମା ସିଂ, ଶୈଳେନ୍ଦ୍ର ସାହୁ, ଅନ୍ତର୍ଯ୍ୟାମୀ ଭୋଇ, ମଂଟୁ ଖମାରୀ, ଦୀପକ ବେହେରା, ସୁନୀଲ ମେହେର, ଅମୃତ ପଣ୍ଡା, ଅଶ୍ୱିନୀ ପୁଟେଲ, ଶିବ ସାହୁ, ପ୍ରଦୀପ ଗୁରୁ, ଶାନ୍ତନୁ ଭୋଇ, ସଂଜୟ ଶେଖର ଦେଓ, ନିତେଶ ଅଗ୍ରୱାଲ, ପ୍ରଦୀପ ପରୁଆ, ସୁରେଶ ନାଏକ, ବିଷ୍ଣୁ ପଟେଲ, ଦିଲୀପ ବାରିକ, ପାଣ୍ଡବ କୁମ୍ଭାର, ସନ୍ତୋଷ ପ୍ରଧାନ, ନରହରି ରାଉତ, ବନମାଳି ବାଗ, ସମୀର କୁମାର ପ୍ରମୁଖ ସହଯୋଗ କରିଥିଲେ । ଏହିସବୁ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପରିଚାଳନା କରିଥିଲେ ଜିଲ୍ଲା ଆଇଟି ସଂଯୋଜକ ବିଭୂତିଭୂଷଣ ମିଶ୍ର । ତେବେ ଏଭଳି କରୋନା ସଂକ୍ରମଣ ସମୟରେ ବ୍ଲଡବ୍ୟାଙ୍କ ଓ ଡାକ୍ତରଖାନାରେ ରକ୍ତର ଅଭାବ ଦେଖା ଦେଉଥିବା ବେଳେ ଜୀବନ ବିନ୍ଦୁରେ ସଂଗୃହୀତ ଏହି ୫୩୭ ୟୁନିଟ୍ ରକ୍ତ ବରଦାନ ସଦୃଶ ପ୍ରମାଣିତ ହେବ ବୋଲି ବିଶ୍ୱାସ କରାଯାଉଛି ।

## ୪ ମାସ ମଧ୍ୟରେ ଉଠିଲା ପିଚୁ : ବିଶ୍ୱନାଥପୁର-ବନ୍ଧପାରି ରାସ୍ତା ନିର୍ମାଣରେ ନିମ୍ନମାନର କାର୍ଯ୍ୟ ଅଭିଯୋଗ



କଳାହାଣ୍ଡି, (କେପିଏନ୍‌ଏସ୍): ବର୍ଷା ଦିନ ଆସୁ ଆସୁ ଲାଞ୍ଜିଗଡ ବ୍ଲକରେ ବିଭିନ୍ନ ରାସ୍ତା ଘାଟର ଅବସ୍ଥା ଶୋଚନୀୟ ହୋଇପଡିଛି । ଏମିତିକି ନୂଆ କରି ତିଆରି ଚାଲିଥିବା ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସଡକ ଅବସ୍ଥା ବି ଖରାପ । ନିର୍ମାଣ ଶେଷ ନ ହେଉଣୁ ରାସ୍ତାରୁ ପିଚୁ ଉଠିଯିବା ସହ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇ ସାରିଲାଣି । ପରିସ୍ଥିତି ଏଭଳି ହୋଇଛି ଯେ ବର୍ଷା ହେବା କ୍ଷଣି ରାସ୍ତାରେ ଯୋଗାଯୋଗ ଠପ୍ ହୋଇଯାଉଛି । ଠିକାଦାରଙ୍କ ଲାଭଖୋର ନୀତିକୁ ଆଖି ବୁଜି ସମର୍ଥନ ଦେଉଥିବା ଜିଲ୍ଲା ମୁଖ୍ୟ ଉନ୍ନୟନ ବିଭାଗ ସବୁ ଜାଣି ଅଜଣା ସାଜିଛି ବୋଲି ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ଚାଲିଛି । ରାସ୍ତାର ଦୁରବସ୍ଥା ଯୋଗୁଁ ଲୋକେ ଯାତାୟାତରେ ଘୋର ଅସୁବିଧା ଭୋଗୁଥିବା ବେଳେ ରୋଗୀ, ଗର୍ଭବତୀ, ପ୍ରସୂତି ମହିଳାଙ୍କୁ ନେବା ଆଣିବାରେ ସମସ୍ୟା ଦେଖା ଦେଉଛି । ଏନେଇ ବାରମ୍ବାର ଅଭିଯୋଗ ପରେ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହେଉଛି ।

ଅଭିଯୋଗ ଅନୁସାରେ ବିଶ୍ୱନାଥପୁର ଠାରୁ ବନ୍ଧପାରି ରାୟଗଡା ଜିଲ୍ଲା ଓ ଭବାନୀପାଟଣା ସଂଯୋଗ କରୁଥିବା ରାସ୍ତା ଏକ ପ୍ରମୁଖ ରାସ୍ତା ହୋଇଥିବା ବେଳେ ଏହା ଦୁଇ ଗୋଟି ଜିଲ୍ଲାର ଯାତାୟାତରେ ସହାୟକ ହୋଇଥାଏ । ସେହିପରି ଲାଞ୍ଜିଗଡ ବ୍ଲକର ଦୁର୍ଗମଅଂଚଳର ୭ ଗୋଟି ପଂଚାୟତର ୧୬୦ରୁ ଉର୍ଦ୍ଧ୍ୱ ଗାଁକୁ ସଂଯୋଗ କରିବା ପାଇଁ ଏହା ମୁଖ୍ୟ ରାସ୍ତା ହୋଇଥିବା ବେଳେ ଗ୍ରାମ୍ୟ ଉନ୍ନୟନ ଅଧୀନରେ ଏହା ରହିଛି । ତେବେ ରାସ୍ତାରେ ନିମ୍ନମାନର କାମ ଯୋଗୁଁ ବନ୍ଧପାରି ଠାରୁ ବିଶ୍ୱନାଥପୁର ମଧ୍ୟରେ ବିଭିନ୍ନ ସ୍ଥାନରେ ପିଚୁ ଉଠିଥିବା ବେଳେ ତକଲାଶୁର ନିକଟସ୍ଥ ବ୍ରିଜ ପାଖରେ ପ୍ରାୟ ୧ କିମି ରାସ୍ତାରୁ ମାତ୍ର ୪ ମାସ ମଧ୍ୟରେ ପିଚୁ ଉଠିଯାଇ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି । ଯାହା ଫଳରେ ଯାତାୟାତରେ ଘୋର ଅସୁବିଧା ଯୋଗୁଁ ଅଂଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏନେଇ ଲାଞ୍ଜିଗଡ ବ୍ଲକ ଗ୍ରାମ୍ୟ ଉନ୍ନୟନ ଦାଇତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ବସନ୍ତ ବେହେରାଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ ସମ୍ଭବ ହୋଇ ପାରିନଥିଲା । ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଦିଗରେ ଦୃଷ୍ଟି ଦେଇ ରାସ୍ତା ନିର୍ମାଣ ପାଇଁ ଅଂଚଳବାସୀ ଦାବୀ କରିଛନ୍ତି ।

ମାସ୍କ ପିନ୍ଧନ୍ତୁ, ବାରମ୍ବାର ସାବୁନରେ ହାତ ଧୁଅନ୍ତୁ, ସାମାଜିକ ଦୂରତା ରକ୍ଷା କରନ୍ତୁ...
କରୋନା ସଂକ୍ରମଣରୁ
ରକ୍ଷା ପାଆନ୍ତୁ ।
ନିଜ ସୁରକ୍ଷା, ନିଜ ହାତରେ ।

## କଂଟାବାଂଜି ଝାଙ୍କରପଡା ସ୍ଥିତ ପିଡବ୍ଲୁଡି ରାସ୍ତା ପାଖ ଜବର ଦଖଲ ଉଚ୍ଛେଦ : ୬ଟି ଦୋକାନ ଗୃହକୁ ଭାଙ୍ଗିଲା ପ୍ରଶାସନ

କଂଟାବାଂଜି, (ନିପ୍ର) : କଂଟାବାଂଜି ସହରାଂଚଳର ଝାଙ୍କରପଡା ପିଡବ୍ଲୁଡି ରାସ୍ତାକୁ ଦୀର୍ଘ ବର୍ଷ ହେଲା ଦୋକାନ ଘର କରି ଜବର ଦଖଲ କରାଯାଇଥିବା ବେଳେ ପ୍ରଶାସନ ଦ୍ୱାରା ଉଚ୍ଛେଦ କରାଯାଇଛି । ଝାଙ୍କରପଡା ନିକଟସ୍ଥ ଗ୍ରାମ୍ୟ ଜଳ ଯୋଗାଣ ଅଫିସ ନିକଟରେ ପିଡବ୍ଲୁଡି ରାସ୍ତା ଉପରେ ୬ଟି ପକ୍କା ଦୋକାନ ଗୃହ କରି ଭଡା ସୂତ୍ରରେ ଲାଗିଥିଲା । ଏହି ଜବର ଦଖଲ ଉପରେ ପ୍ରଶାସନିକ ତରଫରୁ ମାମଲା ଚାଲିଥିଲା । କିନ୍ତୁ ତାର ଆଜି ଅନ୍ତ ଘଟି ଟିଟିଲାଗଡ ଉପଜିଲ୍ଲାପାଳ ତଥା କଂଟାବାଂଜି ଏନ.ଏ.ସି. ପ୍ରଶାସକ ସୋମେଶ କୁମାର ଉପାଧ୍ୟାୟଙ୍କ ଉପସ୍ଥିତିରେ ଏହା ଉଚ୍ଛେଦ କରାଯାଇଛି । ଏହି ଉଚ୍ଛେଦ ବେଳେ ଜବର ଦଖଲକାରୀ ଏକଜ୍ୟୁକୁଟିଭ ମାଜିଷ୍ଟ୍ରେଟ ତଥା ସ୍ଥାନୀୟ ତହସିଲଦାର ଅଶୋକ କୁମାର ମାଝି ଓ ଏନ.ଏ.ସି. ନିର୍ବାହୀ ଅଧିକାରୀ ଶ୍ରୀମତୀ ବିଷ୍ଣୁପ୍ରିୟା ମିଶ୍ରଙ୍କୁ ବେଆଇନ ଭଙ୍ଗାଉଥିବା ଦର୍ଶାଇ ପ୍ରତିବାଦ କରିଥିଲେ । ଫଳରେ ଉଚ୍ଛେଦ ବେଳେ ଅଧା ଘଂଟା ଯାଏଁ ଉଚ୍ଛେଦ କାର୍ଯ୍ୟ ବ୍ୟାହାତ ହୋଇଥିଲା । ଏହା ପରେ ଉପଜିଲ୍ଲାପାଳ ପୁର୍ନବାର ଘଟଣାସ୍ଥଳକୁ ଆସି ଉଚ୍ଛେଦ ଭଙ୍ଗାରୁଜା କରିଥିଲେ । ଏହି ଉଚ୍ଛେଦ ବେଳେ ଅନ୍ୟମାନଙ୍କ ମଧ୍ୟରେ କଂଟାବାଂଜି ପୋଲିସ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସରୋଜ କୁମାର ମହାପାତ୍ର, ଆଇ.ଆଇ.ସି. ସତ୍ୟଜିତ କାଣ୍ଡେଲକର ,ଆରଆଇ.ବିନୋଦ ବାରିକ,ରାଜସ୍ୱ କର୍ମଚାରୀ, ଏନଏସିର ସମସ୍ତ କର୍ମଚାରୀ, ସରକାରୀ ଓକିଲ ସହଦେବ ନାଗ, ପିଡବ୍ଲୁଡି ସହକାରି ନିର୍ବାହୀ ଯନ୍ତ୍ରୀ ସୁରେଶ କୁମାର ପାତ୍ର ସହ ପୋଲିସ ପ୍ଲାଟୁନ ମୁତୟନ ଥିଲେ । ପରବର୍ତ୍ତୀ ଦିନରେ ଏହି ଜବର୍ ଦଖଲ୍ ଉଚ୍ଛେଦକୁ ଅନ୍ୟାୟ ହୋଇଛି ବୋଲି ଘର ତିଆରିଥିବା ମାଲିକ ଓ ତାଙ୍କ ଦିବ୍ୟାଙ୍ଗ ଝିଅ ରୂପାଲି ଏକ ସାମ୍ବାଦିକ ସମ୍ମିଳନୀରେ ନିଜର ମତ ପ୍ରକାଶ କରିଛନ୍ତି ।

## ଅବସରପ୍ରାପ୍ତ ସୈନିକ ଶିବଶରଣ ମିଶ୍ର ସମ୍ମାନିତ




ରାଉରକେଲା, (କେପିଏନ୍‌ଏସ୍) : ସ୍ୱାଧୀନତା ଦିବସ ଅବସରେ ରାଉରକେଲାରେ 'ସେଲୁଟ୍ ତ୍ରିରଙ୍ଗା' କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସୈନିକ ଶିବଶରଣ ମିଶ୍ରଙ୍କ ସମ୍ମାନିତ କରାଯାଇଛି । ତେବେ ସ୍ଥାନୀୟ ଜେପି ହସ୍‌ପିଟାଲର ସଭା କକ୍ଷରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶ୍ରୀ ମିଶ୍ରଙ୍କ ଶ୍ରୀଲଙ୍କା ଆଇପିକେଏଫ୍ ସର୍ଭିସ୍ ପାଇଁ ଏଇ ସମ୍ମାନ ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଯେ, ରାଉରକେଲାରୁ ପ୍ରକାଶ ପାଉଥିବା 'ଦୀନଦୟାଲ ମେଲ'ର ସଂପାଦକ ଭାବରେ ଶ୍ରୀ ମିଶ୍ର ବର୍ତ୍ତମାନ କାର୍ଯ୍ୟନିର୍ବାହ କରି ସାରା ଓଡ଼ିଶାରେ ସୁନାମ ଅର୍ଜନ କରିଛନ୍ତି । ଅବସରପ୍ରାପ୍ତ ସୈନିକ ଜଗତରେ ସେ ଜଣେ ବେଶ୍ ଜଣାଶୁଣା ତଥା ଶ୍ରଦ୍ଧାଳୁ ବ୍ୟକ୍ତି ।

## ସୁନ୍ଦରଗଡ଼ ଜିଲ୍ଲାରେ ଦୁଇଟି ଅଭିନବ କାର୍ଯ୍ୟକ୍ରମର ଶୁଭାରମ୍ଭ

ସୁନ୍ଦରଗଡ଼, (ସ୍ୱପ୍ର) : ସୁନ୍ଦରଗଡ଼ ଜିଲ୍ଲାରେ ଶିଶୁମାନଙ୍କ ପୋଷଣ ଆବଶ୍ୟକତାକୁ ସୁନିଶ୍ଚିତ କରିବା ନିମନ୍ତେ ଆଜି ଦୁଇଟି ଅଭିନବ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିବା ବେଳେ ହେମଗିରି ବ୍ଲକରେ ମାଣ୍ଡିଆ ଲଡ୍ଡୁ ଏବଂ ଲେଫ୍ରିପଡ଼ା ବ୍ଲକ୍‌ରେ ସ୍ପିରୁଲିନା ଯୁକ୍ତ ଚିକି ବଂଟନ ପାଇଁ ପାଇଲଟ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ପାଇଲଟ୍ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଛନ୍ତି ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ବିଭାଗ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ । ଏ ସଂପର୍କରେ ସୁନ୍ଦରଗଡ଼ ଜିଲ୍ଲାପାଳ ଟ୍ୱିଟ୍ ଦ୍ୱାରା ସୂଚନା ପ୍ରଦାନ କରିଛନ୍ତି ।





# ମାଏଝି

**ମୂଲ୍ ଲେଖା : କ୍ରିଷ୍ଟିନା ରୁଙ୍ଗାନୋ ଜିମ୍ବାଓ୍ୱେ**

**କୋଶଲୀ ଅନୁସୃଜନ୍ : ଶଶାଙ୍କ ଶେଖର ପଣ୍ଡା**

ଇ' ମିନ୍‌ଟେ ଆଘୁଁ
ଚୁର୍ଆଁଶାଲୁଁ ଫିରୁଛେଁ
ପାଏନ୍ ବୁହିଲା ଉନ୍‌ହିଆଁ
ଧାଙ୍ଗ୍‌ରୀମାନ୍‌କର୍ ସାଙ୍ଗେ
ଗପ୍‌ବାର୍‌କେ କି
ଦୁଖ୍‌ସୁଖ୍ ହେବାର୍‌କେ ବେଲ୍ କାଇଛେ
ଖୋବ୍ ଦିନର୍ ଖଟେନ୍ ଉତ୍‌ରୁ
ଦିହିଁ କଁଟା ହେଇଯାଇଛେ
ଉର୍‌ଘାବଥା ଥି ହୁରୁଦ୍ ଯେନ୍‌ତା
ଶୁଖି ଯାଇଛେ ।

ବାଟେ ଝରନ୍ ଯେ
ବୁହି ଯାଉଛେ ଖଲ୍‌ଖଲେଇ କରି
ଭାବଲିଁ, ଠାଡ଼୍ ହେମି ଗଜା ହେଇକରି
ଝାରର୍ ଫୁଲର୍ କହଁର୍ ଥି
ଭୂଇଁନୁ ପାଆଁଲିଲା
ସାଗୁଆ ଘାଁସ୍‌କେ ସୁଆଁଲି ଦେମି
ମାତର୍ କାମ୍ ପଡ଼ିଛେ
ପାହାଡ଼୍ ବାଗିର୍ ।

କାମ୍ ନି ଉସ୍‌ରିବାର୍
ଫେର୍ ଆରମ୍ଭ୍ ସେ ସେ କାମ୍
କାମ୍ ଥି ଅଥାବିଥା –
କଅଁଲି ବଏସେ ଗଲେ
ନିଜ୍‌କେ ବୁଢ଼ୀ ବାଗିର୍ ଲାଗ୍‌ଲାନ' ।

ଘାଁସ୍ ଶୁଖି ଗଲାନ', ମନ୍ ମରିଗଲାନ'
ମୁଁଡ଼୍ ଉପ୍‌ରେ ବଡ଼୍ ମଠିଆ ଥି ପାଏନ୍

କ୍ରିଷ୍ଟାନା ରୁଙ୍ଗାନୋ ଜିମ୍ବାଓ୍ୱେ (ଆଫ୍ରିକା ମହାଦେଶ) ଦେଶର୍ ଝନେ ଖୋବ୍ ନାଁକରା କବି । ୧୯୬୩ ସାଲର୍ ଫେବୃଆରୀ ୨୮ ତାରିଖ୍ ନ' ତାକର୍ ଜନମ୍ । ଇ' ନାରୀକବି ଏଭେ ଜିମ୍ବାଓ୍ୱେର୍ ରାଜ୍‌ଧାନୀ ହାରାରେ ନେ କାମ୍ କରୁଛନ୍ । ଜିମ୍ବାଓ୍ୱେ ପବ୍ଲିସିଂ ହାଉସ୍ ତାଁକର୍ କବିତା ସଂକଲନ୍ ପ୍ରକାଶ କରିଛନ୍ ।

ତଲ୍‌କେ ଜାଁକି ଦେଉଛେ ମତେ
ଗୋଡ଼୍ ଲଡ଼୍‌ବଡ଼େଇ ଯାଉଛେ
ଦୁଖର୍ ମଠିଆ ମୋର୍ ମୁଡ଼େ
ଚକା ପାରି ବଇଛେ ।

ଘର୍‌କେ ଫିରି ତୁମର୍ କାଯେ ରାଁଧିର୍ଲି
ତୁମେ ଆଏଲେ ମୁଇଁ ଗଲେ
ମୁଠେ ଖାଏମି,
ତୁମେ ଭଟାନ' ଆରାମ୍‌ସେ ବୁଲୁଛ'
ଦିନ୍‌ଗୁଟ୍‌କ ପିଇ ପିଇ ସାରି ଦେଇଛ'
ମୁଇଁ ମାତର୍‌କ ସୂରୁଯର୍ ଲାଲ୍
ଆଖିଁର୍ ପହଁରା ଭିତ୍‌ରେ
ଖେତେ କବାର୍ କରିଚାଲିଛେଁ ।
ମୋର୍ ଗରଭ୍ ଥଏଲି
ଖାଲି ନି ରଖିବାର୍‌ଟା
ଯେନ୍‌ତା ତୁମର୍ ଗୁଟେ ନ' କାମ୍ ।
ମୁଇଁ ତୁମର୍ ବାସନ୍ ବର୍‌ତନ୍
ମାଜୁଛେଁ
ଘର୍ ଲିପୁଛେଁ – ବନ୍‌ଢ଼ଉଛେଁ
ଯତ୍‌ନେ ସଜଉଛେଁ ତୁମର ଲାଗି
ଡସ୍‌ନା
ଆରୁ ସେତ୍‌କି ବେଲ୍‌କେ ତୁମେ
ଫିରିଛ ଇ' ଘର୍‌କେ ।

ମତୁଆଲ୍ ହେଇ ତୁମେ ଦିହିଁ ମନ୍ କରୁଛ
ମୁଇଁ ତ ଅଥାବିଥା
ଦିହିଁଟା ବୁଲି ନି ମାନ୍‌ବାର୍
ପେଟର୍ ଛୁଆଟା



ମତୁଆଲର୍ ମାତ୍‌ଲାମି
ସହି ପାର୍‌ବା ତ' !
ସେ ସବୁଥି ତୁମର୍ କାଣା ଯାଏସି
ନାଇଁ ବଏଲିଁ ଯେ
ତୁମେ ମତେ ମାଏଲ'
ମୁଇଁ ତୁମ୍ ପଡ଼ି ଧର୍ଷିତା ହେଲିଁ
ଆରୁ ସେ ଘଡ଼ିଥି
ମୋର୍ ଅଶାନ୍ତ୍ ମନ୍
ତୁମର୍ ଲାଗି ବିଷାନ୍ ହେଇଗଲା ।

ତୁମର୍ ଲାଗି ମୋର୍
ଅବ୍‌ଗା କେତ୍‌ନିକେତେ ଘୃଣା
ହେଲେ ଗଲେ କାଏଲ୍ ସକାଲେ
ମୁଇଁ ଫେର୍ ଉଠ୍‌ମି
ଗାଏ ଦୁହିମି, ତୁଲି ଚାଷ୍ କର୍‌ମି
ଫିରି ଆସିକରି ରାନ୍ଧ୍‌ମି

ତୁମେ ତ ମୋର୍ ମାହାପୁରୁ
କାଁକରି କି ମାଏଝି ନ ଖାଲି
କଥା ମାନ୍‌ବା,
ହେଟା ତ' ଲାଏକ୍ ଚଲନ୍ ।

ମନ୍ ନାଇଁଥିଲେ ଗଲେ
ଦିହିଁ ସପିଁ ଦେବାର୍‌ଟା
ସେନ୍‌ହୋ ପେରେମ୍ କଥା
ସେ ନ' କେନେ ଅଛେ....
ସେବା କର୍‌ବା, ମାଏନ୍ ଭି ଦେବା ।

ଘଏଁତା ନ' ମୋର୍ ମାହାପୁରୁ
ତୁମେ ନ' ମୋର୍ ରାଏଜର୍ ମାଲିକ୍
କାଁକରି କି
ତୁମେ ମୋର୍ ସ୍ୱାମୀ ! ପୁରୁଷ !
ଏକାକାର୍ । ।



# ପଖନ

**ବେଣୁଧର ପ୍ରଧାନ**

ଘାଏ ଘାଏ ପଖନୁ ବି
ନିଝରି ପଡସି ଥୁପାଥୁପା ଲୁହୁ
ମାର୍ତୁଲ୍‌ର ମାଡଥି
ଫାଟି ବିଦ୍‌ରି ଯାଉଥିବାର
ପଖନର ଛାତିର ହଁସି,
ହେଉ କି ପୀଡାକେ
କେଭେ ଦେଖିଛ କାଁଏ ସାଉ ।

ପଥର ଆରୁ ପଥ୍‌ରିଆ
ଏକା ଟାନ୍, ଗୁଟେ ପରାନ୍
କେଭେ ପଖନ୍ ଫାଟ୍‌ସି
ତ କେଭେ ପଥ୍‌ରିଆ
ଦୁହିକର ରକତ୍
ଲେସି ହେଇଚେ ତୁମର
ହେ ଉଁଚ୍‌ା ମହଲ ଥି ।

ତୁମର ଆଁଏଖି ଥି ତ
ଗୁର୍‌ହେଇ ହେଇଚେ
ମକ୍‌ରଲା ଜାଲ
ମୁଟା ବହଲିଆ କାଁଚର
ପରଚକ୍ଷୁ ଥି ଗୁର୍‌ଦୁଟେ ଧୁଲି
ତମକୁ ହେଟା କାଁଯେ ଦିଶବା ??

କେଭେ ପଥରିଆ ପଖନ
ଆଉ କେଭେ ପଖନ
ହେସି ପଥ୍‌ରିଆ ଯେ' ! !

ଶୂନ୍ୟ ସ୍ୱରୂପ, ଭୀମଭୋଇ ଛକ
ସୁବର୍ଣ୍ଣପୁର
ମୋ.ନଂ.: ୯୪୩୭୨୨୩୮୬୦



# ଫିରି ଆଏଲିଁ

**ମୂଲ ହିନ୍ଦି : ରାହତ ଇନ୍ଦୋରୀ**

**କୋଶଲୀ ଅନୁସୃଜନ : ସୁଜିତ କୁମାର ଶତପଥୀ**

ଅଜ୍ଞାନର ଅଂଧାର
ମେଟେଇ ଫିଲି ଆଏଲିଁ
ସବୁଯାକ ବହି ମୁଇଁ
ପୁଢ଼େଇ ଫରି ଆଏଲିଁ...

ସେ ଇହାଦେ ବି
ରେଲ୍ ଥି ବସି ହେଁକଉଥିବା
ମୁଇଁ ମୋର ପବନେ ହାତ
ହଲେଇ ଫିଲି ଆଏଲିଁ...

ଖବର ମିଲୁଛେ ସୁନା
ମିଲୁଛେ ସେନେ ଗୁର୍‌ଦୁ
ଯେନ୍ ଜାଗାକେ ମୁଇଁ
ଖୁରେଇ ଫିଲି ଆଏଲିଁ....

ଆର୍ ସେ ଭାବୁଥିଲା ମୋର
ଭିକ୍‌ମଗା ଖୁରି ଘିନିନେବା
ଗୁଚ୍‌ରି ନେଇଁ ପାର୍‌ଲା କେଭେ
ମୁଇଁ ତାର୍ ମୁକୁଟ୍
ମୁଲେଇ ଫିଲି ଆଏଲିଁ... । ।

ମୋ.ନଂ.: ୯୫୫୬୭୧୧୨୭୨

# ନୌଟଙ୍କି

**ବିପିନ୍ ଆଚାର୍ଯ୍ୟ**



ଠିକ୍ ରାତି ଦୁଇଟା ବେଲେ
ମୁଇଁ ଈଶ୍ୱରଙ୍କର୍ ଠାନୁ
ଦାୟିତ୍ୱ ନେସିଁ
ଆରୁ ଈଶ୍ୱର୍ ନିଷ୍‌ପଟ୍ ଶୁଇ ପଡ଼୍‌ସନ୍
ପଲଁକ୍ ଥିଁ ।

ନଜର୍ ପଡ଼୍‌ସି ଆକାଶ୍ ଉପ୍‌ରେ–
ଧୁନ୍ଦ୍‌ଲିଆ..... କଲା ।
ଧର୍‌ତୀର୍ ମୁହୁଁ ଶେଥା
ବସ୍ତି ଭଂଗାରୁଜା ... ଖେତ୍ ଉଜ୍‌ଡ଼ା
ଗଛ୍ ମାନ୍‌କର୍ ଦିହିସାରା ଘା' ।
ଆରୁ ମୁନୁଷ୍.... ?

କାଣା ହେଲା... ?
ଏଡ଼େ ସୁନ୍ଦର୍ ଧର୍‌ତୀଟେ ବନେଇ ଥିଲିଁ
ସକାଲୁଁ
କିଏ ଏନ୍ତା କଲା .... ?

ମୁନୁଷ୍ ବେଆଡ଼ା,
କିଏ ଉତ୍ତର ଦେବା ?

ଆହା ଲାଗ୍‌ସି ଦେଖିକରି ।
ଫେର୍ ଧର୍‌ସିଁ ମୁଇଁ
ଶଂଖ୍, ଚକ୍‌ର, ଗଦା, ପଦ୍‌ମ
ହଜ୍‌ଲା କେ ଖୁଜାସିଁ
ନସ୍‌ଲାକେ ସଜାସିଁ
ଭାଙ୍ଗ୍‌ଲା କେ ଗଢ଼ାସିଁ
ଆରୁ ମୁନୁଷ୍ କେ....

ବେଲ୍ ଉଦି ଆଏସି ଧର୍‌ତୀ ନ
ଆରୁ ଜଗ୍‌ମଗେଇ ଉଠ୍‌ସି
ସଁସାର୍ ।
ସକାଲର୍ ଆଠ୍ ବଜେ
ଫେର୍ ମୁଇଁ ଶୁଇ ପଡ଼୍‌ସିଁ
ମାହାପୁରୁ କେ ଦାୟିତ୍ୱ ସଁପି କରି ।

## ୭୪ତମ ସାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ... (ଦ୍ୱିତୀୟ ପୃଷ୍ଠାରୁ)

ଭାଗ୍ୟ ସଂପର୍କରେ ଚେତାଇ ଦେଇଛି । ମୋ ବିଚାରରେ ବର୍ତ୍ତମାନ ପରିସ୍ଥିତିରେ ମାନବ କୈନ୍ଦ୍ରିକ ସହଯୋଗ, ଅର୍ଥ କୈନ୍ଦ୍ରିକ ସମାବେଶଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ପରିବର୍ତ୍ତନ ଯେତେ ଶୀଘ୍ର ହେବ ତାହା ମାନବ ସମାଜ ପାଇଁ ଅଧିକ ମଙ୍ଗଳକର ହୋଇପାରିବ । ମତଭେଦକୁ ଦୂରକରି ମାନବିକତା ଆଧାରରେ ବିଶ୍ୱକୁ ସୁରକ୍ଷିତ କରିବା ପାଇଁ ସହଯୋଗ ଭିତ୍ତିରେ କାମ କରିବା ନିମନ୍ତେ ଏକବିଂଶ ଶତାବ୍ଦୀକୁ ମନେ ରଖିବା ଉଚିତ । ୧୬. ଦ୍ୱିତୀୟ ଶିକ୍ଷାଟି ହେଉଛି- ଆମେ ସମସ୍ତେ ପ୍ରକୃତି ମା' ନିକଟରେ ସମାନ । ଆମେ ଆମର ଜୀବନଧାରଣ ଓ ଅଭିବୃଦ୍ଧି ପାଇଁ ମୁଖ୍ୟତଃ ଆମ ସାଥୀନିବାସୀଙ୍କ ଉପରେ ନିର୍ଭର କରୁ । କରୋନା ସଂକ୍ରମଣ ମଣିଷ ସମାଜ ଦ୍ୱାର ସୃଷ୍ଟ । ଏହା କୃତ୍ରିମ ବିଭାଜନକୁ ଚିହ୍ନେନା । ଏଥିରୁ ଆମର ଶିକ୍ଷା ହେଲା ଆମକୁ ସମସ୍ତ ମନୁଷ୍ୟକୃତ ବିଭେଦ, ଧାରଣା, ପକ୍ଷପାତି ବିଚାର ଓ ପ୍ରତିବନ୍ଧକର ଉପରକୁ ଉଠିବାକୁ ପଡିବ । କରୁଣା ଏବଂ ପାରସ୍ପରିକ ସାହାଯ୍ୟ ଭାରତୀୟମାନଙ୍କ ଏକ ମୌଳିକ ମୂଲ୍ୟବୋଧ । ଆମ ଆଚରଣରେ ଏହାକୁ ଆଗକୁ ଅଧିକ ଦୃଢୀଭୂତ କରିବାକୁ ପଡିବ । ତେବେ ଯାଇ ଆମେ ସମସ୍ତଙ୍କ ପାଇଁ ଏକ ଉତ୍ତମ ଭବିଷ୍ୟତ ତିଆରି କରିପାରିବା ।

ସ୍ୱାସ୍ଥ୍ୟଗତ ଭିତ୍ତିଭୂମି ଓ ସୁବିଧା ସୁଯୋଗ ବଢାଇବା ଏହି ମହାମାରୀର ତୃତୀୟ ଶିକ୍ଷା । ସରକାରୀ ହସପିଟାଲ ଓ ପରୀକ୍ଷାଗାରଗୁଡିକ କରୋନା ମହାମାରୀ ଲଢେଇରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛନ୍ତି । ସରକାରୀ ସ୍ୱାସ୍ଥ୍ୟସେବା ଫଳରେ ଗରିବ ଲୋକେ ମହାମାରୀର ମୁକାବିଲା କରିବାରେ ସମର୍ଥ ହୋଇଛନ୍ତି । ତେଣୁ ଏଥିପାଇଁ ସରକାରୀ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଅଧିକ ମଜଭୁତ ଏବଂ ସଂପ୍ରସାରିତ କରିବାକୁ ପଡିବ ।

ଏ କ୍ଷେତ୍ରରେ ଚତୁର୍ଥ ଶିକ୍ଷାଟି ହେଉଛି- ବିଜ୍ଞାନ ଓ ପ୍ରଯୁକ୍ତି ବିଷୟକ । ମହାମାରୀ ଚେତାଇ ଦେଇଛି ଯେ ବିଜ୍ଞାନ ଓ ପ୍ରଯୁକ୍ତିର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପଡିବ । ଲକ୍ ଡାଉନ ଓ ତା' ପରବର୍ତ୍ତୀ ସମୟରେ ଶାସନ, ଶିକ୍ଷା, ବ୍ୟବସାୟ, ଅଫିସ କାର୍ଯ୍ୟ ଓ ସାମାଜିକ ସଂପର୍କ ରକ୍ଷାରେ ସୂଚନା ଓ ଯୋଗାଯୋଗ ଟେକ୍ନୋଲୋଜି ଏକ ସଫଳ ଆୟୁଧ ଭାବେ ପ୍ରମାଣିତ ହୋଇଛି । ଜୀବନରକ୍ଷା ଏବଂ ଜୀବିକା ଆରମ୍ଭ କାର୍ଯ୍ୟକ୍ରମ ଏହି ଦୁଇଟି କ୍ଷେତ୍ରରେ ଏହା ବିଶେଷ ସହାୟକ ହୋଇ ନିଜର ଅପରିହାର୍ଯ୍ୟତା ପ୍ରମାଣିତ କରିଛି ।

ଉଭୟ ଭାରତ ସରକାର ଓ ପ୍ରାଦେଶି ସରକାରଗୁଡିକର ଦପ୍ତରରେ କାର୍ଯ୍ୟ ସଂପାଦନରେ ଏବେ ବ୍ୟାପକଭାବେ ଭର୍ଚୁଆଲ ଇଣ୍ଟରଫେସ୍ ପ୍ରଚଳିତ ହେଉଛି । ନ୍ୟାୟପାଳିକା ମଧ୍ୟ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଏବେ ଭର୍ଚୁଆଲ କୋର୍ଟ ଆୟୋଜନ କରୁଛନ୍ତି । ରାଷ୍ଟ୍ରପତି ଭବନରେ ମଧ ଭର୍ଚୁଆଲ କନ୍‌ଫରେନ୍ସ ଆୟୋଜନ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ନୂଆ ଟେକ୍ନୋଲୋଜି ବ୍ୟବହାର କରାଯାଉଛି । ସୂଚନା ପ୍ରଯୁକ୍ତି ଓ ଯୋଗାଯୋଗ ଟୁଲ୍‌ସ ଇ-ଶିକ୍ଷା ଓ ଦୂରଶିକ୍ଷାକୁ ପ୍ରୋତ୍ସାହିତ କରୁଛି । ଅଧିକାଂଶ କ୍ଷେତ୍ରରେ ଘରୁ କାମ କରିବା ବା ୱାର୍କ ଫ୍ରମ ହୋମ୍ ଏକ ନୂଆ ଧାରା ସୃଷ୍ଟି କରିଛି । କେତେକ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ଅଧିକ ସମୟ କାର୍ଯ୍ୟକରି ଆର୍ଥିକ ପ୍ରଗତିର ଚକକୁ ଆଗେଇ ନେବାପାଇଁ ଟେକ୍ନୋଲୋଜି ବିଶେଷ ସହାୟକ ହୋଇଛି । ଅତଏବ ବିଜ୍ଞାନ ଓ ପ୍ରଯୁକ୍ତିର ପ୍ରୟୋଗ, ପ୍ରକୃତି ସହ ସମନ୍ୱୟ ରକ୍ଷା କରି ବଂଚିବା ଦ୍ୱାରା ଆମର ସ୍ଥିତି ରକ୍ଷା ଏବଂ ଅଭିବୃଦ୍ଧି ସାଧିତ ହୋଇପାରିବ ଆମେ ଏ କଥା ଶିଖିଲେ ।

ଏହିସବୁ ଶିକ୍ଷା ମାନବ ସମାଜ ପାଇଁ ବିଶେଷ ସହାୟକ ହେବ । ଯୁବପିଢି ମଧ୍ୟ ଏହି ଶିକ୍ଷା ଭଲଭାବେ ଲାଭ କରିଛି । ମୋର ବିଶ୍ୱାସ ଭାରତର ଭବିଷ୍ୟତ ସେମାନଙ୍କ ହାତରେ ନିରାପଦ । ଏବେ ଆମ ସମସ୍ତଙ୍କ ପାଇଁ ଦୁଃସମୟ ଚାଲିଛି । ଯୁବ ସମାଜ ପାଇଁ ଏହା ଆହୁରି ଖରାପ ସମୟ । ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ ରହିବା ଫଳରେ ପାଠପଢୁଥିବା ଆମ ପୁଅଝିଅଙ୍କ ମଧ୍ୟରେ ଉତ୍କଣ୍ଠା ସୃଷ୍ଟି ହେବ । ସେମାନଙ୍କର ସ୍ୱପ୍ନ ଓ ଆଶା ଆକାଂକ୍ଷା ଉପରେ ପ୍ରଭାବ ପଡିବ । ତେବେ ସେ ଯାହା ହେଉ ମୁଁ ସେମାନଙ୍କୁ ସ୍ମରଣ କରାଇ ଦେବାକୁ ଚାହେଁ ଯେ ଏହି ଦୁଃସମୟ ବେଶୀକାଳ ରହିବ ନାହିଁ ଏବଂ ସେମାନେ ନିଜର ସ୍ୱପ୍ନକୁ ସାର୍ଥକ କରିବା ପାଇଁ ଚଳାଉଥିବା ଉଦ୍ୟମରୁ ବିରତ ହେବା ଅନୁଚିତ । ସମାଜ, ଅର୍ଥନୀତି, ରାଷ୍ଟ୍ର ଆଦି ଧ୍ୱଂସଲୀଳା ପରେ କିପରି ସଫଳତାର ସହ ପୁନଃନିର୍ମିତ ହୋଇଛି ତାହାର ପ୍ରେରଣାଦାୟୀ ଓ ଚମତ୍କାର ଉଦାହରଣମାନ ଇତିହାସରେ ରହିଛି । ମୁଁ ନିଶ୍ଚିତ ଆମ ଦେଶ ଏବଂ ଆମ ଯୁବ ସମାଜର ଏକ ଉଜ୍ଜ୍ୱଳ ଭବିଷ୍ୟତ ରହିଛି ।

ଆମର ପିଲା ଓ ଯୁବକମାନଙ୍କୁ ଏକ ଭବିଷ୍ୟବାଦୀ ଶିକ୍ଷା ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାର ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହା କାର୍ଯ୍ୟକାରୀ ହେଲେ ଏକ ନୂଆ ଉନ୍ନତମାନର ଶିକ୍ଷା ବ୍ୟବସ୍ଥା ବିକଶିତ ହେବା ସହ ଭବିଷ୍ୟତର ଆହ୍ୱାନକୁ ସୁଯୋଗରେ ପରିଣତ କରିପାରିବ ଏବଂ ନୂଆ ଭାରତ ପାଇଁ ରାସ୍ତା ଦେଖାଇବ ବୋଲି ମୁଁ ଦୃଢ ନିଶ୍ଚିତ । ଆମର ଯୁବ ସମାଜ ନିଜ ନିଜର ଆଗ୍ରହ ଓ ମେଧା ଅନୁସାରେ ସ୍ୱାଧୀନ ଭାବେ ଏହି ବ୍ୟବସ୍ଥାରେ ନିଜର ପାଠ୍ୟ ବିଷୟ ବାଛିପାରିବେ । ଏହାଦ୍ୱାରା ସେମାନେ ନିଜର ଦକ୍ଷତା ଅନୁଭବ କରିବାର ସୁଯୋଗ ପାଇବେ । ଆମର ଭବିଷ୍ୟତର ବଂଶଧର ଏହି ନବସାମର୍ଥ୍ୟ ଦ୍ୱାରା କେବଳ ନିଯୁକ୍ତି ପାଇବେ ନାହିଁ, ବରଂ ଅନ୍ୟମାନଙ୍କ ପାଇଁ ମଧ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବେ ।

ନୂଆ ଶିକ୍ଷାନୀତିରେ ଦୀର୍ଘ ମିଆଦୀ ଲକ୍ଷ୍ୟ ଏବଂ ବ୍ୟାପକ ପ୍ରଭାବ ରହିଛି । ଶିକ୍ଷା କ୍ଷେତ୍ରରେ ସମାବେଶୀ ସଂସ୍କୃତି, ନବସୃଜନ ଓ ଅନୁଷ୍ଠାନ ନିର୍ମାଣକୁ ଏହା ଦୃଢୀଭୂତ କରିବ । ମାତୃଭାଷାରେ ଶିକ୍ଷାଦାନକୁ ଯେଉଁ ଗୁରୁତ୍ୱ ଦିଆଯାଇଛି ତଦ୍ୱାରା କୋମଳମତି ଶିଶୁଙ୍କ ମସ୍ତିଷ୍କ ସ୍ୱଭାବିକଭାବେ ବିକଶିତ ହେବ । ଏହାଦ୍ୱାରା ଭାରତୀୟ ଭାଷା ସମୂହ ମଧ୍ୟ ସଶକ୍ତ ହୋଇ ଦେଶର ଏକତାକୁ ଦୃଢୀଭୂତ କରିବେ । ଯୁବ ସଶକ୍ତୀକରଣ ଏକ ଶକ୍ତିଶାଳୀ ରାଷ୍ଟ୍ର ଗଠନ ପାଇଁ ଅପରିହାର୍ଯ୍ୟ । ଜାତୀୟ ଶିକ୍ଷାନୀତି ଏ ଦିଗରେ ଏକ ଉଚିତ ପଦକ୍ଷେପ ।

ମୋର ପ୍ରିୟ ଦେଶବାସୀ,

ମାତ୍ର ୧୦ଦିନ ପୂର୍ବରୁ ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମିଠାରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଆମ ସମସ୍ତଙ୍କ ପାଇଁ ବାସ୍ତବରେ ଏହା ଏକ ଗର୍ବର ମୁହୂର୍ତ୍ତ । ଦେଶବାସୀ ଦୀର୍ଘକାଳ ଯାଏଁ ଧୈର୍ଯ୍ୟ ଓ ସଂଯମ ପ୍ରଦର୍ଶନ କରି ନ୍ୟାୟପାଳିକା ଉପରେ ଅକୁଣ୍ଠ ବିଶ୍ୱାସ ସ୍ଥାପନ କରିଥିଲେ । ରାମ ଜନ୍ମଭୂମି ବିବାଦ ନ୍ୟାୟିକ ପ୍ରକ୍ରିୟାରେ ସମାଧାନ ହୋଇଥିଲା । ସମସ୍ତ ସଂପୃକ୍ତ ପକ୍ଷ ଏବଂ ଜନସାଧାରଣ ସମ୍ମାନର ସହ ସୁପ୍ରିମକୋର୍ଟଙ୍କ ରାୟକୁ ଗ୍ରହଣ କରିଥିଲେ । ଏହା ମାଧ୍ୟମରେ ସେମାନେ ଶାନ୍ତି, ଅହିଂସା, ସମନ୍ୱୟ ପ୍ରତି ଶ୍ରଦ୍ଧା ଭଳି ଭାରତୀୟ ସଂସ୍କୃତି ଓ ମୂଲ୍ୟବୋଧକୁ ସମଗ୍ର ବିଶ୍ୱ ଆଗରେ ପ୍ରଦର୍ଶନ କରିଛନ୍ତି । ଏହି ପ୍ରଶଂସନୀୟ ବ୍ୟବହାର ପାଇଁ ଦେଶବାସୀଙ୍କୁ ମୁଁ ଅଭିନନ୍ଦନ ଜଣାଉଛି ।

ପ୍ରିୟ ଦେଶବାସୀ,

ଭାରତ ଯେତେବେଳେ ସ୍ୱାଧୀନ ହେଲା ସେତେବେଳେ ଅନେକଙ୍କର ଅନୁମାନ ଥିଲା ଯେ ଗଣତନ୍ତ୍ର ସହିତ ଆମର ପରୀକ୍ଷା ନିରୀକ୍ଷା ବେଶୀଦିନ ଚାଲିବ ନାହିଁ । ଶାସନର ଗଣତାନ୍ତ୍ରିକ ପ୍ରକ୍ରିୟାରେ ସେମାନେ ଆମର ପ୍ରାଚୀନ ପରମ୍ପରା ଓ ସମୃଦ୍ଧ ବିବିଧତାକୁ ଏକ ପ୍ରତିବନ୍ଧକଭାବେ ଦେଖିଥିଲେ; କିନ୍ତୁ ଆମେ ସବୁବେଳେ ଏହି ବିବିଧତା ଓ ପରମ୍ପରାକୁ ଏକ ଶକ୍ତିଭାବେ ଗ୍ରହଣ କରିଆସିଛୁ ଏବଂ ଏହା ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରକୁ ଏବେ ଚମକାଉଛି । ମାନବ କଲ୍ୟାଣ ପାଇଁ ଭାରତକୁ ତାହାର ନେତୃତ୍ୱ ଭୂମିକା ବଜାୟ ରଖିବାକୁ ପଡିବ ।

ଏହି ମହାମାରୀ କାଳରେ ଆପଣମାନେ ଯେଉଁ ଧୈର୍ଯ୍ୟ ଓ ପ୍ରଜ୍ଞା ପ୍ରଦର୍ଶନ କରି ପରିସ୍ଥିତି ସହ ନିଜକୁ ଖାପଖୁଆଇ ଚଳୁଛନ୍ତି ତାହା ସମଗ୍ର ବିଶ୍ୱରେ ପ୍ରଶଂସିତ ହୋଇଛି । ମୋର ବିଶ୍ୱାସ ଆପଣମାନେ ଏହି ସତର୍କତା ଅବଲମ୍ବନ କରି ଦାୟିତ୍ୱପୂର୍ଣ୍ଣଭାବେ ଆଗକୁ କାର୍ଯ୍ୟ କରିବେ ।

ବୌଦ୍ଧିକ, ଆଧ୍ୟାତ୍ମିକ ଏବଂ ବିଶ୍ୱ ଶାନ୍ତି କ୍ଷେତ୍ରରେ ଆନ୍ତର୍ଜାତିକ ସମୁଦାୟକୁ ଆମକୁ ଯଥେଷ୍ଟ କିଛି ପ୍ରଦାନ କରିବାର ଅଛି । ଏହି ଭାବନାର ସହିତ ମୁଁ ସମସ୍ତଙ୍କର କଲ୍ୟାଣ କାମନା କରି ଏହି ପ୍ରାର୍ଥନା ଗାଉଛି । ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ । ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା' କଶ୍ଚିଦ ଦୁଃଖଭା ଭବେତ୍ ।

ଅର୍ଥାତ୍ ? ସମସ୍ତେ ଖୁସିରେ ରୁହନ୍ତୁ ।
ସମସ୍ତେ ସୁସ୍ଥ ରୁହନ୍ତୁ ।
ସମସ୍ତେ ଶୁଭାଶୁଭ ଦେଖନ୍ତୁ ।
କେହି ଦୁଃଖରେ ନ ରୁହନ୍ତୁ ।

ଏହି ପ୍ରାର୍ଥନାର ବାର୍ତ୍ତା ବିଶ୍ୱର ମଙ୍ଗଳ ପାଇଁ ଉଦ୍ଦିଷ୍ଟ ଏବଂ ମାନବ ସମାଜକୁ ଭାରତର ଏହା ଏକ ଅନୁପମ ଉପହାର । ମୁଁ ପୁଣି ଥରେ ୭୪ତମ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଆପଣମାନଙ୍କୁ ଅଭିବାଦନ ଜ୍ଞାପନ କରୁଛି । ଆପଣମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରୁଛି ।

ଧନ୍ୟବାଦ ।

ଜୟହିନ୍ଦ ।

ସୌଜନ୍ୟ :ପିଆଇବି

## ୬ଟି ରାଜ୍ୟରେ ରେଳବାଇ ଗରିବ କଲ୍ୟାଣ ରୋଜଗାର ଅଭିଯାନ ଯୋଜନାରେ ୫.୫ ଲକ୍ଷରୁ ଅଧିକ ଶ୍ରମ ଦିବସ ସୃଷ୍ଟି କରିଛି

- ଏହି ୬ଟି ରାଜ୍ୟ ହେଲା ଓଡିଶା, ବିହାର, ଝାଡଖଣ୍ଡ, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ ଓ ରାଜସ୍ଥାନ
- ପ୍ରବାସୀ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଏହିସବୁ କାର୍ଯ୍ୟକ୍ରମକୁ ରେଳବାଇ ମନ୍ତ୍ରଣାଳୟ ତଦାରଖ କରୁଛି
- ଅଗଷ୍ଟ ୧୪ ସୁଦ୍ଧା ଏ ବାବଦରେ ବିଭିନ୍ନ ପ୍ରକଳ୍ପର ଠିକାଦାରମାନଙ୍କୁ ୧୩୩୬.୮୪ କୋଟି ଟଙ୍କା ପ୍ରଦାନ କରାଯାଇଛି
- ଏହି ୬ଟି ରାଜ୍ୟର ୧୧୬ଟି ଜିଲ୍ଲାରେ ଗରିବ କଲ୍ୟାଣ ରୋଜଗାର ଅଭିଯାନ ଯୋଜନା କାର୍ଯ୍ୟକାରୀ ହେଉଛି
- ପ୍ରାୟ ୧୬୫ଟି ରେଳବାଇ ଭିତ୍ତିଭୂମି ପ୍ରକଳ୍ପ ଏହି କାର୍ଯ୍ୟକ୍ରମ ମାଧ୍ୟମରେ କାର୍ଯ୍ୟକାରୀ ହେଉଛି; ଏଥିପାଇଁ ବ୍ୟୟ ବରାଦ ହୋଇଛି ୨୯୮୮ କୋଟି

ନୂଆଦିଲ୍ଲୀ, (ପିଆଇବି) : ଗରିବ କଲ୍ୟାଣ ରୋଜଗାର ଅଭିଯାନ ଯୋଜନାରେ ଭାରତୀୟ ରେଳବାଇ ଓଡିଶା, ବିହାର, ଝାଡଖଣ୍ଡ, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଉତ୍ତର ପ୍ରଦେଶରେ ୫.୫ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରିଛି । ରେଳବାଇ, ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋଏଲ ଏସବୁ ପ୍ରକଳ୍ପର କାର୍ଯ୍ୟକାରିତା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । କରୋନା ଦ୍ୱାରା ନିଯୁକ୍ତି ହରାଇ ନିଜ ନିଜ ରାଜ୍ୟକୁ ଫେରି ଆସିଥିବା ପ୍ରବାସୀ ଶ୍ରମିକମାନଙ୍କୁ କର୍ମ ନିଯୁକ୍ତି ଯୋଗାଇ ଦେବାପାଇଁ ଏହି ଯୋଜନା ଉଦ୍ଦିଷ୍ଟ । ଏସବୁ ୬ଟି ରାଜ୍ୟରେ ୨୯୮୮ କୋଟି ଟଙ୍କ ବ୍ୟୟରେ ପ୍ରାୟ ୧୬୫ଟି ରେଳବାଇ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଅଗଷ୍ଟ ୧୪ ତାରିଖ ସୁଦ୍ଧା ଏହି ଅଭିଯାନରେ ୧୧,୨୯୬ ଜଣ ଶ୍ରମିକଙ୍କୁ ନିୟୋଜିତ କରାଯାଇଛି । ସେହିଭଳି ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ଠିକାଦାମାନଙ୍କୁ ୧୩୩୬.୮୪ କୋଟି ଟଙ୍କା ଦିଆଯାଇଛି । ପ୍ରତ୍ୟେକ ଜିଲ୍ଲା ଓ ରାଜ୍ୟରେ ଭାରତୀୟ ରେଳବାଇ ନୋଡାଲ ଅଧିକାରୀଙ୍କୁ ଏଥିପାଇଁ ନିଯୁକ୍ତି ଦେଇଛି । ରାଜ୍ୟ ସରକାରମାନଙ୍କ ସହ ନିବିଡ ସହଯୋଗ ଓ ସମନ୍ୱୟ ରଖି କାର୍ଯ୍ୟ କରିବା ପାଇଁ ଏହା କରାଯାଇଛି । ପ୍ରବାସୀ ଶ୍ରମିକମାନେ ଯେପରି ଏହିସବୁ ପ୍ରକଳ୍ପରେ କାମ ପାଆନ୍ତି ଏବଂ ସେମାନଙ୍କୁ ମଜୁରି ପ୍ରଦାନରେ ଯେପରି ଅନିୟମିତତା ନ ହୁଏ ତାହା ଦେଖିବା ପାଇଁ ରେଳବାଇ ମନ୍ତ୍ରୀ ଶ୍ରୀ ଗୋୟଲ ଜୋନସ୍ତରୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ।

ଏହି ଯୋଜନାରେ ରେଳବାଇ ବିଭିନ୍ନ ପ୍ରକାର ପ୍ରକଳ୍ପକୁ ଚିହ୍ନଟ କରି କାର୍ଯ୍ୟକାରୀ କରୁଛି । ସେଥିମଧ୍ୟରେ ଲେବଲ କ୍ରସିଂ ପାଇଁ ଆପ୍ରୋଚ ରୋଡ ନିର୍ମାଣ ଓ ତାହାର ରକ୍ଷଣାବେକ୍ଷଣ, ରେଳଧାରଣା ମଧ୍ୟରେ ଓ ପାର୍ଶ୍ୱରେ ଥିବା ଜଳପଥ, ଫୁକାର ଓ ନାଳଗୁଡିକର ମରାମତି ଓ ସଫେଇ, ରେଳ ଷ୍ଟେସନକୁ ସଂଯୋଗପଥ ନିର୍ମାଣ ଓ ତାହାର ମରାମତି ତଥା ରକ୍ଷଣାବେକ୍ଷଣ, ରେଳପଥର ଏମ୍ବାକ୍‌ସମେଣ୍ଟକୁ ପ୍ରଶସ୍ତ କରିବା କାର୍ଯ୍ୟ, ରେଳବାଇ ଜମିରେ ଆବଶ୍ୟକ ସ୍ଥଳେ ବୃକ୍ଷରୋପଣ ଏବଂ ରେଳପଥର ଏମ୍ବାକ୍‌ସମେଣ୍ଟ/କଟିଂ ଓ ବ୍ରିଜର ସୁରକ୍ଷା ଆଦି ଅନ୍ତର୍ଭୁକ୍ତ । ଏଠାରେ ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଗରିବ କଲ୍ୟାଣ ରୋଜଗାର ଅଭିଯାନ ଯୋଜନାରେ ପ୍ରବାସୀ ଶ୍ରମିକଙ୍କୁ ବ୍ୟାପକଭାବେ କର୍ମନିଯୁକ୍ତି ଦେବା ସହ ଗ୍ରାମାଂଚଳରେ ବିଭିନ୍ନ ପ୍ରକାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ଲୋକଙ୍କୁ କାମ ଯୋଗାଇଦେବା ଏବଂ ଗ୍ରାମାଂଚଳ ଭିତ୍ତିଭୂମିରେ ଉନ୍ନତି ଆଣିବା । କୋଭିଡ ମହାମାରୀ ଯୋଗୁଁ ବହୁ ସଂଖ୍ୟକ ଶ୍ରମିକ ବିଦେଶରୁ ଫେରିଆସି ନିଜର ଗାଁ ଗଣ୍ଡାରେ ରହିଥିବାବେଳେ ସେମାନଙ୍କୁ ରୋଜଗାର ଯୋଗାଇ ଦେବାକୁ ଏହି ଯୋଜନା କାର୍ଯ୍ୟକାରୀ ହେଉଛି । ଗରିବ କଲ୍ୟାଣ ରୋଜଗାର ଅଭିଯାନ ଯୋଜନାରେ ଗ୍ରାମାଂଚଳରେ ସ୍ଥାୟୀ ଭିତ୍ତିଭୂମି ନିର୍ମାଣ କରିବାକୁ ୫୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବା ଘେନି ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ।

୧୨୫ ଦିନ ପାଇଁ ଏହି ଅଭିଯାନ କାର୍ଯ୍ୟକାରୀ ହେଉଛି । ଏଥିରେ ୨୫ ପ୍ରକାର କାମ ୧୧୬ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି । ଓଡିଶା, ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଝାଡଖଣ୍ଡରେ ଅଧିକ ସଂଖ୍ୟକ ପ୍ରବାସୀ ଶ୍ରମିକ ଥିବାରୁ ଏହି ୬ଟି ରାଜ୍ୟରେ ଏହାକୁ କାର୍ଯ୍ୟକାରୀ କରାଯାଉଛି । ଏଥିପାଇଁ ମୋଟ ୫୦ ହଜାର କୋଟି ଟଙ୍କାର ସମ୍ବଳ ଯୋଗାଣ ବ୍ୟବସ୍ଥା କେନ୍ଦ୍ର ସରକାର କରିଛନ୍ତି ।

କେନ୍ଦ୍ର ସରକାରଙ୍କ ୧୨ଟି ମନ୍ତ୍ରଣାଳୟ ଓ ବିଭାଗର ମିଳିତ ସହଯୋଗରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି । ଏଥିରେ ଗ୍ରାମ ଉନ୍ନୟନ, ପଂଚାୟତିରାଜ, ସଡକ ପରିବହନ ଓ ରାଜପଥ, ଖଣି, ପାନୀୟ ଜଳ ଓ ପରିଚ୍ଛନ୍ନତା, ପରିବେଶ, ରେଳବାଇ, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ, ନୂଆ ଓ ଅକ୍ଷୟ ଶକ୍ତି, ବର୍ଡର ରୋଡ୍‌ସ, ଟେଲିକମ୍ ଓ କୃଷି ଆଦି ମନ୍ତ୍ରଣାଳୟ ଓ ବିଭାଗ ଅନ୍ତର୍ଭୁକ୍ତ ।

## ସାଇଟ୍ ସଦାଇପାଲି ଠାରେ ୭୪ ତମ ସାଧୀନତା ଦିବସ ପାଳିତ



ବଲାଙ୍ଗିର, (କେପିଏନ୍‌ଏସ୍) : ବଲାଙ୍ଗିର ନିକଟସ୍ଥ ସାଇଟ୍ ସଦାଇପାଲି ଠାରେ ଆଜି ୭୪ ତମ ସାଧୀନତା ଦିବସ ସାମାଜିକ ଦୂରତ୍ୱ ଏବଂ କୋଭିଡ୍ -୧୯ର ନିୟମାନୁସାରେ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି । ସାଇଟ୍ ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସାଇଟ୍ ନର୍ସିଂର ଅଧ୍ୟାପିକାମାନେ ଜାତୀୟ ସଂଗୀତ ଗାନ କରିଥିଲେ । ଏହି ଅବସରରେ ସାଇଟ୍ ସମ୍ପାଦକ ଇଂ.ନାରାୟଣ ପ୍ରସାଦ ମିଶ୍ର, ସାଇଟ ଡିପ୍ଲୋମା ଅଧ୍ୟକ୍ଷା ନମିତା ପଟେଲ, ସୁଶ୍ରୀ ଆଇଟିଆଇ ଅଧ୍ୟକ୍ଷ ଇଂ. ସନ୍ତୋଷ କୁମାର ବ୍ରହ୍ମା, ସାଇଟ ନର୍ସିଂ ଅଧ୍ୟକ୍ଷା ସ୍ନିଗ୍ଧା ମିନତି ଦାନୀ, ସାଇଟ ନର୍ସିଂ ପ୍ରଶାନିକ ଅଧିକାରୀ ଡ. ସିଦ୍ଧେଶ୍ୱର ମିଶ୍ର, ସୁଲୋଚନା ଦେବୀ ଶିଶୁ ମନ୍ଦିର ପ୍ରଧାନ ଶିକ୍ଷକ ଗରୁଡଧ୍ୱଜ ସାଏ, ପଲ୍ଲିଶ୍ରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୃନ୍ଦାବନ ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ । ସାଇଟ ଡିପ୍ଲୋମା ଇଂଜିନିୟରିଂ, ସୁଶ୍ରୀ ଡିଏମଏଲଟି, ଡିଏମଆରଟି, ବିଏସସି ନର୍ସିଂ, ଜିଏନଏମ ନର୍ସିଂ, ଏଏନଏମ ନର୍ସିଂ, ସୁଶ୍ରୀ ଆଇଟିଆଇ, ପଲ୍ଲିଶ୍ରୀ ହାଇସ୍କୁଲ, ସୁଲୋଚନା ଦେବୀ ଶିଶୁ ମନ୍ଦିରର ଅଧ୍ୟାପକ ଅଧ୍ୟାପିକା ତଥା ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

ଶେଷରେ ରାମଜୀ ଯୁବକ ସଂଘ ସଭାପତି ଡ.ପ୍ରମୋଦ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ ।

## ବଇଦିପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସାଧୀନତା ଦିବସ ପାଳିତ



ବଲାଙ୍ଗିର, (କେପିଏନ୍‌ଏସ୍) : ନିକଟସ୍ଥ ବଇଦିପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ବିନା ଉପସ୍ଥିତିରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଖମାରୀ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍କୁଲ ପରିଚାଳନା କମିଟିର ସଭାପତି ଚକ୍ରଧର ଥାଟି ଉପସ୍ଥିତ ଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଅଭିଭାବକମାନଙ୍କୁ ୫୭ ଦିନର ଏମଡ଼ିଏମ୍ ଚାଉଳ ବଂଟନ କରାଯାଇଥିଲା ।

# ସମ୍ବଲପୁର ସହରରେ ଥିବା ମହାନଦୀର ଦ୍ୱିତୀୟ ସେତୁ ଘଟଣା : ଦୁର୍ଘଟଣା, ରୋମାଂଚର କେନ୍ଦ୍ର ବିନ୍ଦୁ ପାଲଟିଛି

ସମ୍ବଲପୁର, (ନିପ୍ର) : ସମ୍ବଲପୁର ସହରରେ ଥିବା ମହାନଦୀର ଦ୍ୱିତୀୟ ସେତୁ ଘଟଣା, ଦୁର୍ଘଟଣା, ରୋମାଂଚର କେନ୍ଦ୍ର ବିନ୍ଦୁ ପାଲଟିଛି । ଏହି ଘଟଣା କ୍ରମରେ ଗତ ରବିବାର ସୌରଭ ଧର(୨୯) ନାମକ ଜଣେ ଯୁବକ ନଦୀ ସ୍ରୋତରେ ପଡି ଦେଢ଼ ଘଂଟା ପରେ ଶଙ୍କର ମଠ ଘାଟରେ ମତ୍ସ୍ୟଜୀବୀଙ୍କ ଦ୍ୱାରା ଉଦ୍ଧାର ପାଇ ସୁସ୍ଥ ଥିବା ପରିବାର ସୂତ୍ରରୁ ଜଣାପଡିଛି । ବ୍ରିଜ ଉପରୁ ତାଙ୍କ ଚପଲ, ରୁମାଲ୍ ମିଳିଥିବା ବେଳେ ତାଙ୍କ ମୋବାଇଲରୁ କେହିଜଣେ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ, ତେବେ ସୌରଭ ନିଜେ ଖସି ପଡ଼ିଲ ବୋଲି କହିଛନ୍ତି ।

ସୂଚନାଯୋଗ୍ୟ ଯେ, ଗତ ମାସେ ପୂର୍ବେ ଜଣେ ବିବାହିତା ମହିଳା ଓ ତାଙ୍କ କନ୍ୟାଶିଶୁ ଏହି ବ୍ରିଜରୁ ନିଖୋଜ ହୋଇଥିଲେ, ଏଯାଏଁ ତାଙ୍କ ଶବ ମିଳି ନ ଥିବା ବେଳେ କୌଣସି ଖୋଜ ଖବର ପୋଲିସ ପାଇ ପାରିନାହିଁ, ଯଦିଓ ତାଙ୍କ ସ୍କୁଟି, ଚପଲ ଓ ମୋବାଇଲ ସେଠାରୁ ମିଳିଥିଲା । ପ୍ରାୟ ବର୍ଷକ ପୂର୍ବରୁ ବରଗଡର ଜଣେ ଆଇନଜୀବୀଙ୍କ ସ୍କୁଟର, ଚପଲ ମିଳିଥିଲା, ତାଙ୍କର ମଧ ସନ୍ଧାନ ଏଯାଏଁ ରହସ୍ୟମୟ ହେଇ ରହିଛି ।

ଏହି ବ୍ରିଜ ଆରମ୍ଭରୁ ପ୍ରାତଃଭ୍ରମଣ ପାଇଁ ଲୋକଙ୍କ ଆକର୍ଷଣ ରହିଛି । ଏପରିକି ପ୍ରେମୀ ଯୁଗଳ ଏହାକୁ ଲଭର୍ସ ପଏଣ୍ଟ ଭାବେ ନାମିତ କରିଥିବାର ଜଣାଯାଏ । ସଞ୍ଜବେଳେ ସାମାନ୍ୟ ଅନ୍ଧାର ହେଲେ ଏହି ବ୍ରିଜ ଖୋଲା ବାର୍ ପାଲଟିଯାଏ । ସ୍ୱାଧୀନତାର ୭୦ ବର୍ଷ ପରେ ନଦୀ ଆରପଟେ ଥିବା ଗ୍ରାମବାସୀ ଗମନାଗମନ ସୁଯୋଗ ପାଇ ପାରିଛନ୍ତି, ଏହା ପୂର୍ବରୁ ବର୍ଷା ଦିନେ ବିଚ୍ଛିନ୍ନ ରହୁଥିବା ବେଳେ



ଅନ୍ୟ ସମୟରେ ଡଙ୍ଗା ହି ଏକମାତ୍ର ମାଧ୍ୟମ ଥିଲା । ପ୍ରଶାସନ କୌଣସି ଦୁର୍ଘଟଣା ଘଟିଲେ ସିସିଟିଭି କ୍ୟାମେରା ଲଗାଯିବାର ଘୋଷଣା ହୁଏ, ମାତ୍ର ଏବେ ବି ତାହା ହେଇ ପାରିନାହିଁ । ମୋଟାମୋଟି କହିବାକୁ ଗଲେ, ସହରର ପ୍ରମୁଖ ଆକର୍ଷଣ ମହାନଦୀର ଦ୍ୱିତୀୟ ସେତୁ ପ୍ରଗତି, ରୋମାଂଚ, ଘଟଣା ଦୁର୍ଘଟଣାର ମୂକ ସାକ୍ଷୀ ।

## ୭୪ତମ ସ୍ୱାଧୀନତା ଦିବସର ଅବ୍ୟବହିତ... (ଦ୍ୱିତୀୟ ପୃଷ୍ଠାରୁ)

ଭାଗ୍ୟ ସଂପର୍କରେ ଚେତାଇ ଦେଇଛି । ମୋ ବିଚ୍ୟାରରେ ବର୍ତ୍ତମାନ ପରିସ୍ଥିତିରେ ମାନବ କୈନ୍ଦ୍ରିକ ସହଯୋଗ, ଅର୍ଥ କୈନ୍ଦ୍ରିକ ସମାବେଶଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ପରିବର୍ତ୍ତନ ଯେତେ ଶୀଘ୍ର ହେବ ତାହା ମାନବ ସମାଜ ପାଇଁ ଅଧିକ ମଙ୍ଗଳକର ହୋଇପାରିଛି । ମତଭେଦକୁ ଦୂରକରି ମାନବିକତା ଆଧାରରେ ବିଶ୍ୱକୁ ସୁରକ୍ଷିତ କରିବା ପାଇଁ ସହଯୋଗ ଭିତ୍ତିରେ କାମ କରିବା ନିମନ୍ତେ ଏକବିଂଶ ଶତାବ୍ଦୀକୁ ମନେ ରଖିବା ଉଚିତ ।

୧୬. ଦ୍ୱିତୀୟ ଶିକ୍ଷାଟି ହେଉଛି- ଆମେ ସମସ୍ତେ ପ୍ରକୃତି ମା' ନିକଟରେ ସମାନ । ଆମେ ଆମର ଜୀବନଧାରଣ ଓ ଅଭିବୃଦ୍ଧି ପାଇଁ ମୁଖ୍ୟତଃ ଆମ ସାଥୀନିବାସୀଙ୍କ ଉପରେ ନିର୍ଭର କରୁ । କରୋନା ସଂକ୍ରମଣ ମଣିଷ ସମାଜ ଦ୍ୱାର ସୃଷ୍ଟ । ଏହା କୃତ୍ରିମ ବିଭାଜନକୁ ଚିହ୍ନେନା । ଏଥିରୁ ଆମର ଶିକ୍ଷା ହେଲା ଆମକୁ ସମସ୍ତ ମନୁଷ୍ୟକୃତ ବିଭେଦ, ଧାରଣା, ପକ୍ଷପାତି ବିଚ୍ୟାର ଓ ପ୍ରତିବନ୍ଧକର ଉପରକୁ ଉଠିବାକୁ ପଡିବ । କରୁଣା ଏବଂ ପାରସ୍ପରିକ ସାହାଯ୍ୟ ଭାରତୀୟମାନଙ୍କ ଏକ ମୌଳିକ ମୂଲ୍ୟବୋଧ । ଆମ ଆଚ୍ରଣରେ ଏହାକୁ ଆଗକୁ ଅଧିକ ଦୃଢୀଭୂତ କରିବାକୁ ପଡିବ । ତେବେ ଯାଇ ଆମେ ସମସ୍ତଙ୍କ ପାଇଁ ଏକ ଉତ୍ତମ ଭବିଷ୍ୟତ ତିଆରି କରିପାରିବା ।

ସ୍ୱାସ୍ଥ୍ୟଗତ ଭିତ୍ତିଭୂମି ଓ ସୁବିଧା ସୁଯୋଗ ବଢାଇବା ଏହି ମହାମାରୀର ତୃତୀୟ ଶିକ୍ଷା । ସରକାରୀ ହସପିଟାଲ ଓ ପରୀକ୍ଷାଗାରଗୁଡିକ କରୋନା ମହାମାରୀ ଲଢେଇରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛନ୍ତି । ସରକାରୀ ସ୍ୱାସ୍ଥ୍ୟସେବା ଫଳରେ ଗରିବ ଲୋକେ ମହାମାରୀର ମୁକାବିଲା କରିବାରେ ସମର୍ଥ ହୋଇଛନ୍ତି । ତେଣୁ ଏଥିପାଇଁ ସରକାରୀ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଅଧିକ ମଜଭୁତ ଏବଂ ସଂପ୍ରସାରିତ କରିବାକୁ ପଡିବ ।

ଏ କ୍ଷେତ୍ରରେ ଚତୁର୍ଥ ଶିକ୍ଷାଟି ହେଉଛି- ବିଜ୍ଞାନ ଓ ପ୍ରଯୁକ୍ତି ବିଷୟକ । ମହାମାରୀ ଚେତାଇ ଦେଇଛି ଯେ ବିଜ୍ଞାନ ଓ ପ୍ରଯୁକ୍ତିର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପଡିବ । ଲକ୍ ଡାଉନ ଓ ତା' ପରବର୍ତ୍ତୀ ସମୟରେ ଶାସନ, ଶିକ୍ଷା, ବ୍ୟବସାୟ, ଅଫିସ କାର୍ଯ୍ୟ ଓ ସାମାଜିକ ସଂପର୍କ ରକ୍ଷାରେ ସୂଚନା ଓ ଯୋଗାଯୋଗ ଟେକ୍ନୋଲଜି ଏକ ସଫଳ ଆୟୁଧ ଭାବେ ପ୍ରମାଣିତ ହୋଇଛି । ଜୀବନରକ୍ଷା ଏବଂ ଜୀବିକା ଆରମ୍ଭ କାର୍ଯ୍ୟକ୍ରମ ଏହି ଦୁଇଟି କ୍ଷେତ୍ରରେ ଏହା ବିଶେଷ ସହାୟକ ହୋଇ ନିଜର ଅପରିହାର୍ଯ୍ୟତା ପ୍ରମାଣିତ କରିଛି ।

ଉଭୟ ଭାରତ ସରକାର ଓ ପ୍ରାଦେଶି ସରକାରଗୁଡିକର ଦପ୍ତରରେ କାର୍ଯ୍ୟ ସଂପାଦନରେ ଏବେ ବ୍ୟାପକଭାବେ ଭର୍ଚୁଆଲ ଇଣ୍ଟରଫେସ୍ ପ୍ରଚଳିତ ହେଉଛି । ନ୍ୟାୟପାଳିକା ମଧ୍ୟ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଏବେ ଭର୍ଚୁଆଲ କୋର୍ଟ ଆୟୋଜନ କରୁଛନ୍ତି । ରାଷ୍ଟ୍ରପତି ଭବନରେ ମଧ ଭର୍ଚୁଆଲ କନ୍ଫରେନ୍ସ ଆୟୋଜନ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ନୂଆ ଟେକ୍ନୋଲଜି ବ୍ୟବହାର କରାଯାଉଛି । ସୂଚନା ପ୍ରଯୁକ୍ତି ଓ ଯୋଗାଯୋଗ ଟୁଲ୍ସ ଇ-ଶିକ୍ଷା ଓ ଦୂରଶିକ୍ଷାକୁ ପ୍ରୋତ୍ସାହିତ କରୁଛି । ଅଧିକାଂଶ କ୍ଷେତ୍ରରେ ଘରୁ କାମ କରିବା ବା ୱାର୍କ ଫ୍ରମ ହୋମ୍ ଏକ ନୂଆ ଧାରା ସୃଷ୍ଟି କରିଛି । କେତେକ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ଅଧିକ ସମୟ କାର୍ଯ୍ୟକରି ଆର୍ଥିକ ପ୍ରଗତିର ଚକକୁ ଆଗେଇ ନେବାପାଇଁ ଟେକ୍ନୋଲଜି ବିଶେଷ ସହାୟକ ହୋଇଛି । ଅତଏବ ବିଜ୍ଞାନ ଓ ପ୍ରଯୁକ୍ତିର ପ୍ରୟୋଗ, ପ୍ରକୃତି ସହ ସମନ୍ୱୟ ରକ୍ଷା କରି ବଂଚିବା ଦ୍ୱାରା ଆମର ସ୍ଥିତି ରକ୍ଷା ଏବଂ ଅଭିବୃଦ୍ଧି ସାଧିତ ହୋଇପାରିବ ଆମେ ଏ କଥା ଶିଖିଲେ ।

ଏହିସବୁ ଶିକ୍ଷା ମାନବ ସମାଜ ପାଇଁ ବିଶେଷ ସହାୟକ ହେବ । ଯୁବପିଢି ମଧ ଏହି ଶିକ୍ଷା ଭଲଭାବେ ଲାଭ କରିଛି । ମୋର ବିଶ୍ୱାସ ଭାରତର ଭବିଷ୍ୟତ ସେମାନଙ୍କ ହାତରେ ନିରାପଦ । ଏବେ ଆମ ସମସ୍ତଙ୍କ ପାଇଁ ଦୁଃସମୟ ଚାଲିଛି । ଯୁବ ସମାଜ ପାଇଁ ଏହା ଆହୁରି ଖରାପ ସମୟ । ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ ରହିବା ଫଳରେ ପାଠପଢୁଥିବା ଆମ ପୁଅଝିଅଙ୍କ ମଧ୍ୟରେ ଉତ୍କଣ୍ଠା ସୃଷ୍ଟି ହେବ । ସେମାନଙ୍କର ସ୍ୱପ୍ନ ଓ ଆଶା ଆକାଂକ୍ଷା ଉପରେ ପ୍ରଭାବ ପଡିବ । ତେବେ ସେ ଯାହା ହେଉ ମୁଁ ସେମାନଙ୍କୁ ସ୍ମରଣ କରାଇ ଦେବାକୁ ଚାହେଁ ଯେ ଏହି ଦୁଃସମୟ ବେଶୀକାଳ ରହିବ ନାହିଁ ଏବଂ ସେମାନେ ନିଜର ସ୍ୱପ୍ନକୁ ସାର୍ଥକ କରିବା ପାଇଁ ଚଳାଇଥିବା ଉଦ୍ୟମରୁ ବିରତ ହେବା ଅନୁଚିତ । ସମାଜ, ଅର୍ଥନୀତି, ରାଷ୍ଟ୍ର ଆଦି ଧ୍ୱଂସଲୀଳା ପରେ କିପରି ସଫଳତାର ସହ ପୁନଃନିର୍ମିତ ହୋଇଛି ତାହାର ପ୍ରେରଣାଦାୟୀ ଓ ଚମତ୍କାର ଉଦାହରଣମାନ ଇତିହାସରେ ରହିଛି । ମୁଁ ନିଶ୍ଚିତ ଆମ ଦେଶ ଏବଂ ଆମ ଯୁବ ସମାଜର ଏକ ଉଜ୍ଜ୍ୱଳ ଭବିଷ୍ୟତ ରହିଛି ।

ଆମର ପିଲା ଓ ଯୁବକମାନଙ୍କୁ ଏକ ଭବିଷ୍ୟତବାଦୀ ଶିକ୍ଷା ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାର ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହା କାର୍ଯ୍ୟକାରୀ ହେଲେ ଏକ ନୂଆ ଉନ୍ନତମାନର ଶିକ୍ଷା ବ୍ୟବସ୍ଥା ବିକଶିତ ହେବା ସହ ଭବିଷ୍ୟତର ଆହ୍ୱାନକୁ ସୁଯୋଗରେ ପରିଣତ କରିପାରିବ ଏବଂ ନୂଆ ଭାରତ ପାଇଁ ରାସ୍ତା ଦେଖାଇବ ବୋଲି ମୁଁ ଦୃଢ ନିଶ୍ଚିତ । ଆମର ଯୁବ ସମାଜ ନିଜ ନିଜର ଆଗ୍ରହ ଓ ମେଧା ଅନୁସାରେ ସ୍ୱାଧୀନ ଭାବେ ଏହି ବ୍ୟବସ୍ଥାରେ ନିଜର ପାଠ୍ୟ ବିଷୟ ବାଛିପାରିବେ । ଏହାଦ୍ୱାରା ସେମାନେ ନିଜର ଦକ୍ଷତା ଅନୁଭବ କରିବାର ସୁଯୋଗ ପାଇବେ । ଆମର ଭବିଷ୍ୟତର ବଂଶଧର ଏହି ନବସାମର୍ଥ୍ୟ ଦ୍ୱାରା କେବଳ ନିଯୁକ୍ତି ପାଇବେ ନାହିଁ, ବରଂ ଅନ୍ୟମାନଙ୍କ ପାଇଁ ମଧ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବେ ।

ନୂଆ ଶିକ୍ଷାନୀତିର ଦୀର୍ଘ ମିଆଦୀ ଲକ୍ଷ୍ୟ ଏବଂ ବ୍ୟାପକ ପ୍ରଭାବ ରହିଛି । ଶିକ୍ଷା କ୍ଷେତ୍ରରେ ସମାବେଶୀ ସଂସ୍କୃତି, ନବସୃଜନ ଓ ଅନୁଷ୍ଠାନ ନିର୍ମାଣକୁ ଏହା ଦୃଢୀଭୂତ କରିବ । ମାତୃଭାଷାରେ ଶିକ୍ଷାଦାନକୁ ଯେଉଁ ଗୁରୁତ୍ୱ ଦିଆଯାଇଛି ତଦ୍ୱାରା କୋମଳମତି ଶିଶୁଙ୍କ ମସ୍ତିଷ୍କ ସ୍ୱଭାବିକଭାବେ ବିକଶିତ ହେବ । ଏହାଦ୍ୱାରା ଭାରତୀୟ ଭାଷା ସମୂହ ମଧ ସଶକ୍ତ ହୋଇ ଦେଶର ଏକତାକୁ ଦୃଢୀଭୂତ କରିବେ । ଯୁବ ସଶକ୍ତୀକରଣ ଏକ ଶକ୍ତିଶାଳୀ ରାଷ୍ଟ୍ର ଗଠନ ପାଇଁ ଅପରିହାର୍ଯ୍ୟ । ଜାତୀୟ ଶିକ୍ଷାନୀତି ଏ ଦିଗରେ ଏକ ଉଚ୍ଚିତ ପଦକ୍ଷେପ ।

ମୋର ପ୍ରିୟ ଦେଶବାସୀ,

ମାତ୍ର ୧୦ଦିନ ପୂର୍ବରୁ ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମିଠାରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଆମ ସମସ୍ତଙ୍କ ପାଇଁ ବାସ୍ତବରେ ଏହା ଏକ ଗର୍ବର ମୁହୂର୍ତ୍ତ । ଦେଶବାସୀ ଦୀର୍ଘକାଳ ଯାଏଁ ଧୈର୍ଯ୍ୟ ଓ ସଂଯମ ପ୍ରଦର୍ଶନ କରି ନ୍ୟାୟପାଳିକା ଉପରେ ଅକୁଣ୍ଠ ବିଶ୍ୱାସ ସ୍ଥାପନ କରିଥିଲେ । ରାମ ଜନ୍ମଭୂମି ବିବାଦ ନ୍ୟାୟିକ ପ୍ରକ୍ରିୟାରେ ସମାଧାନ ହୋଇଥିଲା । ସମସ୍ତ ସଂପୃକ୍ତ ପକ୍ଷ ଏବଂ ଜନସାଧାରଣ ସମ୍ମାନର ସହ ସୁପ୍ରିମକୋର୍ଟଙ୍କ ରାୟକୁ ଗ୍ରହଣ କରିଥିଲେ । ଏହା ମାଧ୍ୟମରେ ସେମାନେ ଶାନ୍ତି, ଅହିଂସା, ସମନ୍ୱୟ ପ୍ରତି ଶ୍ରଦ୍ଧା ଭଳି ଭାରତୀୟ ସଂସ୍କୃତି ଓ ମୂଲ୍ୟବୋଧକୁ ସମଗ୍ର ବିଶ୍ୱ ଆଗରେ ପ୍ରଦର୍ଶନ କରିଛନ୍ତି । ଏହି ପ୍ରଶଂସନୀୟ ବ୍ୟବହାର ପାଇଁ ଦେଶବାସୀଙ୍କୁ ମୁଁ ଅଭିନନ୍ଦନ ଜଣାଉଛି ।

ପ୍ରିୟ ଦେଶବାସୀ,

ଭାରତ ଯେତେବେଳେ ସ୍ୱାଧୀନ ହେଲା ସେତେବେଳେ ଅନେକଙ୍କର ଅନୁମାନ ଥିଲା ଯେ ଗଣତନ୍ତ୍ର ସହିତ ଆମର ପରୀକ୍ଷା ନିରୀକ୍ଷା ବେଶୀଦିନ ଚାଲିବ ନାହିଁ । ଶାସନର ଗଣତାନ୍ତ୍ରିକ ପ୍ରକ୍ରିୟାରେ ସେମାନେ ଆମର ପ୍ରାଚ୍ୟୀନ ପରମ୍ପରା ଓ ସମୃଦ୍ଧ ବିବିଧତାକୁ ଏକ ପ୍ରତିବନ୍ଧକଭାବେ ଦେଖୁଥିଲେ; କିନ୍ତୁ ଆମେ ସବୁବେଳେ ଏହି ବିବିଧତା ଓ ପରମ୍ପରାକୁ ଏକ ଶକ୍ତିଭାବେ ଗ୍ରହଣ କରିଆସିଛୁ ଏବଂ ଏହା ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରକୁ ଏବେ ଚମକାଉଛି । ମାନବ କଲ୍ୟାଣ ପାଇଁ ଭାରତକୁ ତାହାର ନେତୃତ୍ୱ ଭୂମିକା ବଜାୟ ରଖିବାକୁ ପଡିବ ।

ଏହି ମହାମାରୀ କାଳରେ ଆପଣମାନେ ଯେଉଁ ଧୈର୍ଯ୍ୟ ଓ ପ୍ରଜ୍ଞା ପ୍ରଦର୍ଶନ କରି ପରିସ୍ଥିତି ସହ ନିଜକୁ ଖାପଖୁଆଇ ଚଳୁଛନ୍ତି ତାହା ସମଗ୍ର ବିଶ୍ୱରେ ପ୍ରଶଂସିତ ହୋଇଛି । ମୋର ବିଶ୍ୱାସ ଆପଣମାନେ ଏହି ସତର୍କତା ଅବଲମ୍ବନ କରି ଦାୟିତ୍ୱପୂର୍ଣ୍ଣଭାବେ ଆଗକୁ କାର୍ଯ୍ୟ କରିବେ ।

ବୌଦ୍ଧିକ, ଆଧାତ୍ମିକ ଏବଂ ବିଶ୍ୱ ଶାନ୍ତି କ୍ଷେତ୍ରରେ ଆନ୍ତର୍ଜାତିକ ସମୁଦାୟକୁ ଆମକୁ ଯଥେଷ୍ଟ କିଛି ପ୍ରଦାନ କରିବାର ଅଛି । ଏହି ଭାବନାର ସହିତ ମୁଁ ସମସ୍ତଙ୍କର କଲ୍ୟାଣ କାମନା କରି ଏହି ପ୍ରାର୍ଥନା ଗାଉଛି । ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ । ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା' କଶ୍ଚିଦ୍ ଦୁଃଖଭା ଭବେତ୍ ।

ଅର୍ଥାତ୍ ? ସମସ୍ତେ ଖୁସିରେ ରୁହନ୍ତୁ ।
ସମସ୍ତେ ସୁସ୍ଥ ରୁହନ୍ତୁ ।
ସମସ୍ତେ ଶୁଭାଶୁଭ ଦେଖନ୍ତୁ ।
କେହି ଦୁଃଖରେ ନ ରୁହନ୍ତୁ ।

ଏହି ପ୍ରାର୍ଥନାର ବାର୍ତ୍ତା ବିଶ୍ୱର ମଙ୍ଗଳ ପାଇଁ ଉଦ୍ଦିଷ୍ଟ ଏବଂ ମାନବ ସମାଜକୁ ଭାରତର ଏହା ଏକ ଅନୁପମ ଉପହାର । ମୁଁ ପୁଣି ଥରେ ୭୪ତମ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଆପଣମାନଙ୍କୁ ଅଭିବାଦନ ଜ୍ଞାପନ କରୁଛି । ଆପଣମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରୁଛି । ଧନ୍ୟବାଦ ।

### +୨ ବିଜ୍ଞାନରେ ଏଥର ଜେଆଇଟିଏମ୍ ଟପ୍ପର ଲିପ୍ସାରାଣୀ ସାହୁ

ବଲାଙ୍ଗିର, (ନିପ୍ର) : ଚଳିତ ବର୍ଷ +୨ ବିଜ୍ଞାନ ଫଳାଫଳ ପ୍ରକାଶ ପାଇଥିବା ବେଳେ ସ୍ଥାନୀୟ ଜେଆଇଟିଏମ୍ କଲେଜରେ ଟପ୍ପର ହୋଇଛନ୍ତି ଲିପ୍ସାରାଣୀ ସାହୁ । ସେ ଫିଜିକ୍ସରେ ୯୧, କେମେଷ୍ଟ୍ରିରେ ୯୫, ମେଥମେଟିକ୍ସରେ ୯୫ ଏବଂ ବାଇଲୋଜିରେ ୯୫ ମାର୍କ ରଖିଥିବା ବେଳେ ତାଙ୍କ ସଫଳତାକୁ ନେଇ ଜେଆଇଟିଏମ୍‌ରେ ଉତ୍ସାହର ବାତାବରଣ ଦେଖାଦେଇଛି । ସମୁଦାୟ ୯୦% ମାର୍କ ରଖିଥିବା ଲିପ୍ସାରାଣୀ ତାଙ୍କ ସଫଳତା ପଛରେ ଜେଆଇଟିଏମ୍.ର ଅଧ୍ୟାପକ, ଅଧ୍ୟାପିକା ତଥା ନିଜର ବାପା ଜୟଚନ୍ଦ୍ର ସାହୁ ଓ ମାତା ଶ୍ରୀମତୀ ବୈଦେହୀ ସାହୁଙ୍କ ଉତ୍ସାହ ଓ ଆଶୀର୍ବାଦ ରହିଛି ବୋଲି କହିଛନ୍ତି ।

### ବଲାଙ୍ଗିର ସାମ୍ବାଦିକ ଭବନରେ ପତାକା ଉତ୍ତୋଳନ

ବଲାଙ୍ଗିର, (କେପିଏନ୍ଏସ୍) : ବଲାଙ୍ଗିର ସାମ୍ବାଦିକ ସଂଘରେ ୭୪ତମ ସ୍ୱାଧୀନତା ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ ହୋଇଯାଇଛି । କୋଭିଡ୍ ନିୟମକୁ ପାଳନ ପୂର୍ବକ ସୀମିତ ସଦସ୍ୟଙ୍କ ମଧ୍ୟରେ ପତାକା ଉତ୍ତୋଳନ କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ସଂଘର ଉପସଭାପତି ଆନନ୍ଦ ଚନ୍ଦ୍ର ସାହୁ, ସାଧାରଣ ସଂପାଦକ ବଳରାମ ମିଶ୍ର, ସାଂଗଠନିକ ସଂପାଦକ ଶରତ ଚନ୍ଦ୍ର ମିଶ୍ର, ସଂପାଦକ ରଣଜିତ ବେହେରା, ସଦସ୍ୟ ସନ୍ଦୀପ କୁମାର କୁଅଁର ପ୍ରମୁଖ ଉପସ୍ଥିତ ରହି ଦେଶ ସ୍ୱାଧୀନରେ ଯେଉଁ ଭୂମିପୁତ୍ରମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା, ସେମାନଙ୍କ ସଂପର୍କରେ ଆଲୋଚନା କରିଥିଲେ ।

### ମାସେ ଭିତରେ ଆରମ୍ଭ କର....

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ବଲାଙ୍ଗିରର ଜୀବନରେଖା କୁହାଯାଉଥିବା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ପୁନଃ କାର୍ଯ୍ୟାରମ୍ଭ କରିବା ପାଇଁ ଜିଲ୍ଲା ପ୍ରଶାସନ ସହଯୋଗ କରୁ ବୋଲି ବିଧାୟକ ଶ୍ରୀ ମିଶ୍ର ଜିଲ୍ଲାପାଳଙ୍କୁ କହିଥିଲେ । ଏହା ସହିତ ପ୍ରକଳ୍ପ ପାଇଁ ସ୍ଥାୟୀ ଭୂମି ଅଧିଗ୍ରହଣ ଅଧିକାରୀ ତଥା ଅନ୍ୟାନ୍ୟ ଅଧିକାରୀଙ୍କ ନିଯୁକ୍ତି ଯେପରି ଶୀଘ୍ର ହେବ ସେ ଉପରେ ସେ ନିଜେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ । କୌଣସି ମତେ ଯେମିତି ଜଳସେଚନ ପ୍ରକଳ୍ପ ବନ୍ଦ ନହେବ ତଥା ବିସ୍ଥାପିତମାନଙ୍କ ସମସ୍ତ ପ୍ରକାର ଉଚିତ ଆର୍ଥିକ ସହାୟତା ମିଳିପାରିବ ସେ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । ବହୁ ଦିନରୁ ଆରପିଡିଏସି ବୈଠକ ବସୁ ନଥିବାରୁ ବିସ୍ଥାପିତଙ୍କ ସମସ୍ୟା ଠିକ୍ ଫୋରମରେ ଆଲୋଚନା ହୋଇପାରୁ ନାହିଁ । ତେଣୁ ପ୍ରକଳ୍ପ ଆରମ୍ଭ ପାଇଁ ତଥା ବିସ୍ଥାପିତଙ୍କୁ ଉଚିତ ନ୍ୟାୟ ଦେବା ପାଇଁ ଯଥା ଶୀଘ୍ର ଆରପିଡିଏସି ମିଟିଂ ଡକାଯାଉ ବୋଲି ଆଲୋଚନା ବେଳେ ଶ୍ରୀ ମିଶ୍ର କହିଥିଲେ । ଏକ ମାସ ମଧ୍ୟରେ ପ୍ରକଳ୍ପ କାମ ଯେପରି ଆରମ୍ଭ ହୋଇପାରିବ ସେ ଦିଗରେ ସେ ବାଚସ୍ପତି, ଜଳସେଚନ ମନ୍ତ୍ରୀ ତଥା ସଚିବଙ୍କ ସହ ଆଗାମୀ ଭୁବନେଶ୍ୱର ରହଣି ଭିତରେ ଆଲୋଚନା କରିବେ ବୋଲି କହିଥିଲେ ।

ତେବେ ଦାବୀପତ୍ର ଅନୁସାରେ, ଯଦି ସରକାର ପ୍ରକଳ୍ପ ନିର୍ମାଣ ପ୍ରତି ଏକ ମାସ ଭିତରେ ସାକରାତ୍ମକ ପଦକ୍ଷେପ ଗ୍ରହଣ ନ କରିବେ ତେବେ ବଲାଙ୍ଗିରବାସୀ ନିଶ୍ଚିତ ଭାବରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସମସ୍ତ ପ୍ରତିନିଧି ମଣ୍ଡଳି ଏକ ସ୍ୱରରେ ଚେତାବନୀ ଦେଇଥିଲେ ।

କୋଶଳ ପ୍ରବାହ Live

ଲୋକଙ୍କ ପାଖକୁ ତୁରନ୍ତ ଖବର ପହଂଚାଇବା ପାଇଁ 'କୋଶଳ ପ୍ରବାହ'ର ନୂତନ ପ୍ରୟାସ 'କୋଶଳ ପ୍ରବାହ ଲାଇଭ୍' । ଏବେ ଆମ ପାଠକ ଓ ଶ୍ରୋତାମାନଙ୍କ ପାଇଁ ନିୟମିତ ଡିଜିଟାଲ୍ ଖବର ପ୍ରଦାନ ନିମନ୍ତେ ଏହା ଆମର ବିଶେଷ ପଦକ୍ଷେପ । ଖବର ଆସୁଛି ପ୍ରତ୍ୟହ, ତୁରନ୍ତ ! ମାଟିର କଥା, ବ୍ୟଥା ଓ ଘଟଣାର ଘନଘଟା ପହଂଚୁଛି ଠିକ୍ ଜାଗାରେ, ପାଠକଙ୍କ ପାଖରେ । ତାହାର ଡିଜିଟାଲ ମାଧ୍ୟମ ହୋଇଛି 'କୋଶଳ ପ୍ରବାହ ଲାଇଭ୍' । ଏଥିପାଇଁ ପ୍ରତ୍ୟେକ ଜିଲ୍ଲା ସ୍ତରରେ ରିପୋର୍ଟର ହେବାକୁ ଇଚ୍ଛୁକ ଥିବା ପ୍ରାର୍ଥୀମାନଙ୍କ ଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଛି । ଇଚ୍ଛୁକ ପ୍ରାର୍ଥୀ ଯୋଗାଯୋଗ କରନ୍ତୁ ।

ଯୋଗାଯୋଗ :
ସଂପାଦକ : କୋଶଳ ପ୍ରବାହ
ମୋ.ନଂ. : ୯୪୩୭୬୧୨୦୬୨, ୮୨୪୯୧୮୩୬୪୫
email : koshalaprabaha@gmail.com

# ବଲାଙ୍ଗିରରେ ଜିଲ୍ଲାସ୍ତରୀୟ ୭୪ତମ ସ୍ୱାଧୀନତା ଦିବସ ପାଳିତ

ବଲାଙ୍ଗିର, (କେପିଏନ୍‌ଏସ୍) : ବଲାଙ୍ଗିର ଜିଲ୍ଲା ସଦର ମହକୁମାରେ ଜିଲ୍ଲା ସ୍ତରୀୟ ୭୪ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । କରୋନା କଟକଣା ଯୋଗୁଁ କୋଭିଡ-୧୯ ନିର୍ଦ୍ଦେଶାବଳୀ ଅନୁସାରେ ସାମାଜିକ ଦୂରତା ବଜାୟ ରଖି ସ୍ୱାଧୀନତା ଦିବସ ପାଳନ କରାଯାଇଛି । ୭୪ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ପ୍ରତ୍ୟୁଷରୁ ରାମଧୁନ୍ ପ୍ରଚାର କରାଯାଇଥିଲା । ଗାନ୍ଧୀନଗରପଡ଼ା ସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି, କଚେରୀଛକ ସ୍ଥିତ ଡ. ବି.ଆର୍.ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି, ଗାନ୍ଧୀଭବନ ସମ୍ମୁଖରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ଜିଲ୍ଲାପାଳଙ୍କ ବାସଭବନ ନିକଟସ୍ଥ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ତଥା ସହରର ମାନ୍ୟଗଣ୍ୟ ବ୍ୟକ୍ତିମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ । ପୂର୍ବାହ୍ନ ୯ଟା୧୫ମି. ସମୟରେ ମନୋହରପୁର ରିଭର୍ଜ ପୁଲିସ ପଡ଼ିଆ ଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ୭୪ତମ ସ୍ୱାଧୀନତା ଦିବସ ସମାରୋହରେ ବଲାଙ୍ଗିର ଜିଲ୍ଲାପାଳ ଅରିନ୍ଦମ ଡାକୁଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ମୁଖ୍ୟଅତିଥି ଜିଲ୍ଲାପାଳ ଶ୍ରୀ ଡାକୁଆ ତାଙ୍କ ଅଭିଭାଷଣରେ ଭାରତର ସ୍ୱାଧୀନତା ସଂଗ୍ରାମରେ ବଳିଦାନ ଦେଇଥିବା ଅଗଣିତ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିବା ସହ କଷ୍ଟଲବ୍ଧ ସ୍ୱାଧୀନତାକୁ ବଜାୟ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ମତବ୍ୟକ୍ତ କରିଥିଲେ । ବଲାଙ୍ଗିର ଜିଲ୍ଲାର ସର୍ବାଙ୍ଗିନ ବିକାଶ ଦିଗରେ ନିଷ୍ଠା ଓ ଦୂରଦୃଷ୍ଟି ସହ ନୂତନ ଉତ୍ସାହରେ ମିଳିମିଶି କାର୍ଯ୍ୟ କରିବାକୁ ସେ ଆହ୍ୱାନ କରିଥିଲେ । କୋଭିଡ ମହାମାରୀ ସାରା ମାନବ ଜାତି ପାଇଁ ଅଭୂତପୂର୍ବ ଆହ୍ୱାନ ସୃଷ୍ଟି କରିଛି ଏବଂ ଏଥି ସକାଶେ ଅନେକ ଦେଶ ଗମ୍ଭୀର ସ୍ଥିତିରେ ଅଛନ୍ତି । ଓଡ଼ିଶାରେ ମଧ୍ୟ କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଉଛି । ବଲାଙ୍ଗିର ଜିଲ୍ଲାରେ କରୋନା ସଂକ୍ରମଣର ସ୍ଥିତି ଓ ଏହାକୁ ପ୍ରତିହତ କରିବା ନିମନ୍ତେ



ଗ୍ରହଣ କରାଯାଉଥିବା ପଦକ୍ଷେପ ସଂପର୍କରେ ସେ ସବିଶେଷ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲାରେ କୋଭିଡ ଲଢ଼େଇରେ ଜୀବନ ସହ ଜୀବିକାକୁ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯାଇଛି ବୋଲି ସେ ପ୍ରକାଶ କରିଥିଲେ । କରୋନା ମୁକାବିଲା କ୍ଷେତ୍ରରେ କୋଭିଡ ଯୋଦ୍ଧାଙ୍କ ଯୋଗଦାନ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିବା ସଂଗେ ସଂଗେ କରୋନା ମହାମାରୀରେ ଆମେ ସମସ୍ତେ ସଚେତନତାର ସହ ଉଦ୍ୟମ ଜାରି ରଖିବାକୁ ସେ ଆହ୍ୱାନ କରିଥିଲେ ।

ତେବେ କରୋନା କଟକଣା ଯୋଗୁଁ କେବଳ ଏପିଆର୍ ଓ ହୋମ୍‌ଗାର୍ଡ଼ ଦୁଇଗୋଟି ପ୍ଲାଟୁନ୍ ଅଂଶଗ୍ରହଣ କରି ମୁଖ୍ୟଅତିଥିଙ୍କୁ ଅଭିବାଦନ ଜଣାଇଥିଲେ । ପୋଲିସ ବ୍ୟାଣ୍ଡ ପାର୍ଟି ଜାତୀୟ ସଂଗୀତ ବାଦନ କରିଥିଲେ । ଅଭିବାଦନ ମଂଚରେ ଜିଲ୍ଲାପାଳଙ୍କ ସହ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସନ୍ଦୀପ ମାଡ଼କର ଉପସ୍ଥିତ ଥିବା ବେଳେ ସମାରୋହରେ କୋଭିଡ ଯୋଦ୍ଧା, ଯଥା ଡାକ୍ତର, ପୋଲିସ, ନର୍ସ, ଏଏନଏମ୍, ଆଶାକର୍ମୀ, ସଫେଇ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

ସମାରୋହର ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ପରିଚାଳନା କରିଥିଲେ ।

# ସଂବିତ ପାତ୍ରଙ୍କ ଗିରଫ ଦାବୀ କଲା ଯୁବ କଂଗ୍ରେସ

ବଲାଙ୍ଗିର, (ନିପ୍ର) : ଆଜି ବଲାଙ୍ଗିର ଆଦର୍ଶ ଟାଉନ ଥାନାରେ ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ସଂବିତ ପାତ୍ରଙ୍କ ଗିରଫ ଦାବୀ କରିଛି ବଲାଙ୍ଗିର ଯୁବ କଂଗ୍ରେସ । ଅଭିଯୋଗ କରାଯାଇଛି ଯେ, ସଂବିତ ପାତ୍ରଙ୍କର ଅପମାନସୂଚକ ମନ୍ତବ୍ୟ ଓ ଦୁର୍ବ୍ୟବହାରରେ ଭାରତୀୟ ଜାତୀୟ କଂଗ୍ରେସର ପ୍ରବକ୍ତା ରାଜୀବ ତ୍ୟାଗୀଙ୍କ ମୃତ୍ୟୁ ଘଟିଛି । ଏଣୁ ସଂବିତ ପାତ୍ରଙ୍କୁ ଭାରତୀୟ ପିଙ୍ଗଲ କୋଡ଼ ଧାରା ୩୦୪ (ଏ)ରେ ହତ୍ୟା ମକଦ୍ଦମା ରୁଜୁ କରି ଗିରଫ କରିବା ପାଇଁ ଯୁବ କଂଗ୍ରେସ ଦାବୀ କରିଛି । ସୂଚନାଯୋଗ୍ୟ ଯେ, ଗତ ୧୨ ଅଗଷ୍ଟରେ ହିନ୍ଦୀ ଚେନାଲ ଆଜ ତକ୍‌ରେ ରାଜୀବ ତ୍ୟାଗୀ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପି ପକ୍ଷରୁ ବିଜେପି. ରାଷ୍ଟ୍ରୀୟ ପ୍ରବକ୍ତା ସଂବିତ ପାତ୍ର, ସଂଗୀତ ରାଗୀ, ସୋଏବ ଜମାଇ ଓ ଅତିକ ଉର ରହେମାନ ମଧ୍ୟ ଯୋଗ ଦେଇଥିଲେ । ବଲାଙ୍ଗିର ଯୁବ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ଆଲୋଚନାରେ ସଂବିତ ପାତ୍ର ବାରମ୍ବାର ରାଜୀବ ତ୍ୟାଗୀଙ୍କୁ ଅପମାନ ସୂଚକ ଶବ୍ଦ ପ୍ରୟୋଗ ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ବିନା କାରଣରେ ତ୍ୟାଗୀଙ୍କୁ 'ଜୟଚନ୍ଦ' ବୋଲି ଆଖ୍ୟା ଦେଇଥିଲେ । ଏପରିକି କେବଳ ମୁଣ୍ଡରେ ଟିକା ଲଗାଇ ତ୍ୟାଗୀ ହିନ୍ଦୁ ହୋଇ ପାରିବେ ନାହିଁ ବୋଲି ଭର୍ତ୍ସନା କରିଥିଲେ ।

ଅନ୍ୟପକ୍ଷରେ ଏସବୁ ଅପମାନସୂଚକ ଶବ୍ଦ ପ୍ରୟୋଗ ଓ ଦୁର୍ବ୍ୟବହାରକୁ ଆଜ୍ ତକର ଏଙ୍କର୍ ମଧ୍ୟ ତିଳେ ମାତ୍ର ବିରୋଧ କରି ନଥିଲେ, ଯାହା ଶ୍ରୀ ତ୍ୟାଗୀଙ୍କୁ ଅତ୍ୟଧିକ ମାନସିକତ ଚାପଗ୍ରସ୍ତ କରି ପକାଇଥିଲା । କାର୍ଯ୍ୟକ୍ରମ ସମୟରେ ହିଁ ଅତିଶୟ ମାନସିକତ ଚାପରେ ତାଙ୍କର ହୃଦ୍‌ଘାତରେ ହୋଇଥିଲା । ପରେ ପରେ ଘରକୁ ଯିବାପରେ ତାଙ୍କର ମୃତ୍ୟୁ ଘଟିଥିଲା । ତେବେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ସାରା ଦେଶରେ ହୋଇଥିଲା; ଯାହାର ଯଥେଷ୍ଟ ପ୍ରମାଣ ମହଜୁଦ୍ ରହିଛି । ଏହି ପ୍ରମାଣକୁ ଭିତ୍ତି କରି ବିଜେପି ପ୍ରବକ୍ତା ସଂବିତ ପାତ୍ରଙ୍କ ବିରୁଦ୍ଧରେ ଧାରା ୩୦୪(ଏ), ୧୫୩(ଏ), ୨୯୮ ଓ ୫୦୫ ଭାରତୀୟ ପିଙ୍ଗଳ କୋଡ଼ ୧୮୬୦ ମୁତାବକ ହତ୍ୟା ମାମଲା ରୁଜୁ କରିବା ସହ ତାଙ୍କୁ ଗିରଫ କରାଯିବାକୁ ଦାବୀ କରିଛି ବଲାଙ୍ଗିର ଜିଲ୍ଲା ଯୁବ କଂଗ୍ରେସ । ବଲାଙ୍ଗିର ଯୁବ କଂଗ୍ରେସ ସଭାପତି ପ୍ରେମପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ ବଲାଙ୍ଗିର ଟାଉନ ସଭାପତି ବୁଲୁ ଦାନୀ, ସଂପାଦକ ଅଜୟ ବାଲି, ମନୀଷ ମିଶ୍ର, ଲୋପନ ମିଶ୍ର, ଉମା ପଣ୍ଡା, ସୁମିତ ମହାନ୍ତି, ସୁମିତ ମିଶ୍ର, ଅବିନାଶ ସାଏ ପ୍ରମୁଖ ବଲାଙ୍ଗିର ଆଦର୍ଶ ଟାଉନ ଥାନାରେ ସଂବିତ ପାତ୍ରଙ୍କ ଗିରଫ ଦାବୀ ସମୟରେ ଉପସ୍ଥିତ ଥିଲେ ।

# ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ



ବଲାଙ୍ଗିର, (ନିପ୍ର) : ଆଜି ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସଂଘର ଲାଇବ୍ରେରୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ହରିନାରାୟଣ ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ସଂପାଦକ ବଳରାମ ମିଶ୍ର ସଂପାଦକୀୟ ବିବରଣୀ ପାଠ କରିଥିଲେ । ଉକ୍ତ ବୈଠକରେ ଗତ ବର୍ଷର ଆୟବ୍ୟୟ କଟକଳକୁ ଅନୁମୋଦନ କରାଯାଇଥିଲା । ଆସନ୍ତା ଗଣେଷ ପୂଜାକୁ ନିରାଡ଼ମ୍ବର ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଆସନ୍ତା ୩୦ ତାରିଖ ଦିନ ସଂଘର ପ୍ରତିଷ୍ଠା ଦିବସ ପାଳନ କରାଯିବା କଥା । କିନ୍ତୁ ଉପସ୍ଥିତ ସଦସ୍ୟମାନେ କରୋନା ପରିସ୍ଥିତିରେ ସୁଧାର ଆସିବା ପରେ ଏହା ପାଳନ କରାଯିବ ବୋଲି ମତ ଦେଇଥିଲେ । କେବଳ ସେହି ଦିନ ସୀମିତ ସଭ୍ୟଙ୍କ ଉପସ୍ଥିତିରେ ସଂଘର ପତାକା ଉତ୍ତୋଳନ ହେବ । ତେବେ ଏହି ବୈଠକରେ ନୂତନ ସଦସ୍ୟ ଗ୍ରହଣ ସଂପର୍କରେ ଆଲୋଚନା ମଧ୍ୟ ହୋଇଥିଲା । କରୋନା ସ୍ଥିତିରେ ସୁଧାର ଆସିବା ପରେ ଆଗାମୀ ସମୟରେ ସଂଘ ପକ୍ଷରୁ ଆହୁରି ଅନେକ ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ଉପସଭାପତି ଲକ୍ଷ୍ମୀକାନ୍ତ ମିଶ୍ର, ମାନସ ରଂଜନ ମହାନ୍ତି, ସମ୍ପାଦକ ରଂଜିତ ବେହେରା, ବଂଶୀଧର ସେଠ୍, କୋଷାଧ୍ୟକ୍ଷ ସୁନିଲ କୁମାର ମହାନ୍ତି, ସାଂଗଠାନିକ ସମ୍ପାଦକ ଶରତ ଚନ୍ଦ୍ର ମିଶ୍ର, କାର୍ଯ୍ୟକାରୀ କମିଟି ସଦସ୍ୟ ଶିବପ୍ରସାଦ ପରିଡା, ସଦାଶିବ ସରାଫ, ଚନ୍ଦ୍ରଭାନୁ ମୋଲାନା, ଚିତ୍ତରଂଜନ ମିଶ୍ର, ବିରେନ୍ଦ୍ର ଝାଙ୍କର, ପୁର୍ଣ୍ଣଚନ୍ଦ୍ର ପଣ୍ଡା, ଉପଦେଷ୍ଟା ଗୋପବନ୍ଧୁ ଶତପଥି, ନବୀନ କୁମାର ପଶାୟତ, ସୁଧିର ଚନ୍ଦ୍ର ପଣ୍ଡା, ଶିଶିରକାନ୍ତ ଶତପଥି ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

ସଭା ଶେଷରେ ଉପସଭାପତି ଆନଂଦ ଚଂଦ୍ର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ନୂଆଁଖାଇ ଓ ଗଣେଶ ପୂଜା ପାଇଁ ଲାଗୁ ହେଲା ନୂଆ ନିୟମ

ବଲାଙ୍ଗିର, (ନିପ୍ର) : ନୂଆଁଖାଇ ଓ ଗଣେଶ ପୂଜା ସମୟରେ କରୋନାର ନିୟନ୍ତ୍ରଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ସଂକ୍ରମଣକୁ ଯେପରି ଆଉ ନ ବଢ଼େ ତା' ପାଇଁ ନୂତନ ନିୟମ ଜାରି କରିଛନ୍ତି । ଏହି ନିୟମଗୁଡ଼ିକ ଅଗଷ୍ଟ ୨୧ରୁ ୨୪ ତାରିଖ ଗଣେଶ ପୂଜା ଓ ନୂଆଁଖାଇ ପର୍ଯ୍ୟନ୍ତ ସାରା ଜିଲ୍ଲାରେ ଜାରି ରହିବ । ଏହି ନିୟମାବଳୀରେ ସାମାଜିକ ଦୂରତାକୁ ପ୍ରାଧାନ୍ୟ ଦିଆଯାଇଥିବା ବେଳେ ଏହି ସମୟରେ ସାମାଜିକ ଭିଡ଼କୁ ବାରଣ କରାଯାଇଛି । ଗଣେଶ ପୂଜା ସମୟରେ ସମସ୍ତ ସ୍କୁଲ କଲେଜ ବନ୍ଦ ରହିବ । ଏହାକୁ ଛାତ୍ରଛାତ୍ରୀମାନେ ନିଜ ଘରେ ପାଳନ କରି ପାରିବେ । ସେହିପରି ଏହି ସମୟରେ କୌଣସି ସାମାଜିକ ସଂଗଠନ ପୂଜନୋତ୍ସବର ଆୟୋଜନ କରି ପାରିବ ନାହିଁ । କେବଳ ଯେ ଯାହାର ଘରେ ନୀତିକାନ୍ତ ସହ ଗଣେଶଙ୍କୁ ପୂଜା କରି ପାରିବେ । ସେହିପରି ନୂଆଁଖାଇ ପାଇଁ ମଧ୍ୟ କୌଣସି ଗୋଷ୍ଠୀ ଭୋଜିଭାତ କିମ୍ବା କାର୍ଯ୍ୟକ୍ରମ ଆୟୋଜନ କରା ଯାଇପାରିବ ନାହିଁ । ଆହୁରି ପରଦିନ ଥିବା ଛାଡ଼ଖାଇ କିମ୍ବା ନୂଆଁଖାଇ ଭେଟଘାଟକୁ ମଧ୍ୟ ଜିଲ୍ଲା ପ୍ରଶାସନ ତରଫରୁ ବାରଣ କରାଯାଇଛି । କୌଣସି ସ୍ଥାନରେ ୭ ଜଣରୁ ଅଧିକ ଲୋକଙ୍କ ଭିଡ଼କୁ ମନା କରାଯାଇଛି । ଏହି ନିୟମାବଳୀକୁ ଉଲଂଘନ କଲେ ଆଇନ ଅନୁସାରେ ଦଣ୍ଡବିଧାନ ରହିଛି ।






Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com | Koshala prabaha | Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu